# ଆମ ଔଷଧୀୟ ବୃକ୍ଷ

STATE MEDICINAL PLANTS BOARD
SMPB
ODISHA



# ଆମ ଔଷଧୀୟ ବୃକ୍ଷ

## Ama Ousadhiya Brukshya


March, 2015

*Published by:*
STATE MEDICINAL PLANTS BOARD, ODISHA
(F & E Dept.,Govt. of Odisha)
MAYUR BHAWAN, SAHID NAGAR, BHUBANESWAR,
ODISHA, PIN-751007
TEL :+ 91674-2543911, FAX : +91674-2544911
Web :-www.smpborissa.org.in, E-mail:-smpborissa@gmail.com



*Compiled, written and edited by:*
Harmohan Maharatha



*Designed and Printed at:*
**Apurba**
Plot No-265, Kharvel Nagar, Unit-III,
Bhubaneswar-751001
Cell: 9937300223
Email: apurba1999@gmail.com




## FOREWORD

## ସୂଚୀପତ୍ର


| | |
|---|---|
| ପାଞ୍ଚଆଙ୍ଗୁଳିଆ | ୫ |
| ଭୂଇଁନିମ୍ବ | ୧୭ |
| ଅନନ୍ତମୂଳ | ୨୫ |
| ଅଶୋକ | ୩୫ |
| ଅର୍ଜ୍ଜୁନ | ୪୩ |
| ବାଇଡ଼ଙ୍କ | ୫୧ |
| ଅଶ୍ୱଗନ୍ଧା | ୬୩ |
| ଅଷାଢୁଆ | ୭୩ |
| ସାହାଡ଼ା | ୮୧ |
| ଦାଶକେରଣ୍ଟା | ୯୧ |






# ପାଞ୍ଚଆଙ୍ଗୁଳିଆ

*Gloriosa superba*



ବନସ୍ପତି (ବୈଷୟିକ) ନାମ

**ଗ୍ଲୋରିଓଶା ସୁପର୍ବା**

ଉଦ୍ଭିଦ ଜଗତ ପରିବାର

**ଲିଲିଏସି (Liliaceae)**

♠ **ବନସ୍ପତି (ବୈଷୟିକ) ନାମ :** ଗ୍ଲୋରିଓଶା ସୁପର୍ବା (*Gloriosa superba*)

♠ **ଉଦ୍ଭିଦ ଜଗତ ପରିବାର :** ଲିଲିଏସି (Liliaceae)

♠ **ଇଂରାଜୀରେ ନାମ :** ମାଲାବାର ଗ୍ଲୋରିଲିଲି, ଗ୍ଲୋରିଲିଲି, ଫ୍ଲେମ୍‌ଲିଲି, କ୍ଲାଇମ୍ବିଂ ଲିଲି, କ୍ରିପିଂଲିଲି, ଟାଇଗର କ୍ଲ, ଫାୟାର ଲିଲି, ଗ୍ଲୋରିଓସା ଲିଲି, ସୁପର୍ବ ଲିଲି ।

♠ **ସଂସ୍କୃତରେ ନାମ :** କଲହାରୀ, ବୀଜା, ବହ୍ନିମୁଖ, ବହ୍ନିଜିହ୍ୱା, ବହ୍ନିବକ୍ତ୍ର, ଅଗ୍ନିମୁଖୀ, ଅଗ୍ନିଜିହ୍ୱା, ଲାଙ୍ଗଲୀ, ଲାଙ୍ଗୁଲୀ,ବିଲାଙ୍ଗୁଲୀ ଲଙ୍ଗଳିନୀ, କଲିହାରୀ, ଅଗ୍ନିଶିଖା, ବହ୍ନିଶିଖା, ଗର୍ଭନୂତ୍, ଦିପ୍ତ, ପ୍ରଦୀପ, ଅନନ୍ତ, ଶୁକ୍ଲପୁଷ୍ପୀ, ବିଦ୍ୟୁଲତା, ବିଦ୍ୟୁଜ୍ୱାଳା, ହଲିନି, ହଲି, ଶିରି, ରକ୍ତନ୍ଦେନ୍ଦୁ ପୁଷ୍ପିକା, ବିଷଲ୍ୟା, ଗର୍ଭପାତିନୀ, ଶୁକ୍ର କାଳିକର, ବର୍ଣ୍ଣହର୍ତ୍ତା, ନାକତେନ୍ଦୁ, ପୁଷ୍ପସୌରଭ, ସ୍ୱର୍ଣ୍ଣପୁଷ୍ପ, ପୁଷ୍ପିକା, ଶକ୍ରପୁଷ୍ପିକା, କାଲିକାଲି, ପୁଷ୍ପେନ୍ଦୁ, ଇନ୍ଦ୍ରପୁଷ୍ପି, ପ୍ରଭାତ, ଦୁଧିଓ, ଏଲନି ।

♠ **ଓଡ଼ିଆ ନାମ :** ପାଞ୍ଚଆଙ୍ଗୁଳିଆ / ଲଙ୍ଗଲଙ୍ଗଳିଆ / ନନଙ୍ଗଳିଆ / ନହନାଙ୍ଗୁଳିଆ / ଲହ ଲାଗୁଳିଆ / ଟାଙ୍ଗିଫୁଲ/ ଦଶହରା ଫୁଲ/ ଦୁର୍ଗାଫୁଲ/ ଅଗ୍ନିଶିଖା/ ଖଣ୍ଡାଫୁଲ / ଗର୍ଭଘଟନ / ଡାଙ୍ଗଗହଣା / ମେହେରିଆ ଫୁଲ / କଳହାରି / ଶିବଲିଙ୍ଗି / ବିଷଲ୍ୟା





ଓଡ଼ିଶାର ସମ୍ବଲପୁରୀ ଭାଷାରେ – ପୂରାଫୁଲ / ଲହଲାଙ୍ଗୁଳିଆ ।
ଓଡ଼ିଶାର କନ୍ଧଭାଷାରେ : ମିରିଆଫୁଲ, ମିରିଆଏକା, ଲାଉରି – କୁଳି
ଓଡ଼ିଶାର କୋହ୍ଲଭାଷାରେ : ବୁନୁମକିଚୁଙ୍ଗ / ବିଙ୍ଗ–କି–ଚୁଙ୍ଗ
ଓଡ଼ିଶାର ସାନ୍ତାଳ ଭାଷାରେ : ସିନିକ ସମନସମ, ଶିରିବ ସାମାନୋ

♠ **ଭାରତର ବିଭନ୍ନ ରାଜ୍ୟ ଓ ଅଞ୍ଚଳରେ ନାମ :** ହିନ୍ଦୀ – କଳିହାରୀ, ଲାଙ୍ଗୁଲୀ, କଳିୟାରୀ, କହହାରୀ, କାରିୟାରୀ, କଠାରୀ, ପୁଲହାରୀ, ପଂଜାବ – ମୁଲିମ୍, କରିଆରୀ, କନ୍ନଡ଼ – ଭାଗୋନାଣ୍ଟୋ, କରଠି, କନ୍ନିଆଗାଡ଼େ, ମାଲାୟାଲମ – ମନ୍ଥନି–କିଟାଙ୍ଗୁ, ମାକଟୋଇନ୍ନୁ, କଣ୍ଡାଲ, ଭୋଣ୍ଟୋୀ, କିଥୋନୀ, ବଙ୍ଗଳା – ବିଷ, ବିଷଲାଁ ଗାଲିଆ, ଇଶ୍‌ଲାଁଗଲ୍, ବିଷଲାଙ୍ଗୁଲି, ଉଲାଟ ଚନ୍ଦଲ, କଲିୟାରୀ, ବିଷଲାଙ୍ଗୁଲି, ଗୁଜରାଟ – ଖଡ଼ିଆଙ୍ଗ, ଦୁଧିଓ, ବଚଙ୍ଗ, ତାମିଲ୍ – କଲଇପାଇକିଝାଙ୍ଗୁ, କାର୍ତ୍ତିକଇ, କିଜବାଙ୍ଗୁ, କନ୍ନରୁ, ତେଲୁଗୁ – ଅଗ୍ନିଶିଖା, ଆଦାଭିନଭି, କଣ୍ଣାଗାଜା, ଗଞ୍ଜେରୀ, କୋଟି–ଡୁମ୍ପା, କୋଟିଚେଙ୍ଗୁ, ପୋଟିଡୁମ୍ପା କଲ୍ଲାପାଗଡ଼ା, ମରାଠୀ – ନାଗକରିଆ, କରିଆଙ୍ଗ, ଇଣ୍ଡାଇ, ଅଡ଼ିଆଙ୍ଗ ।



♠ **ଆୟୁର୍ବେଦିକ ଏକାର୍ଥବାଚକ ଶବ୍ଦ :** ଅଗ୍ନିଶିଖା, କାଳିହାରୀ, ଶକ୍ରପୁଷ୍ପି, ଗର୍ଭପାତିନୀ

♠ **ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

ରସ - କଟୁ, ତିକ୍ତ

ଗୁଣ - ଲଘୁ, ତୀକ୍ଷ୍ଣ

ବିପାକ - କଟୁ

ବୀର୍ଯ୍ୟ - ଉଷ୍ଣ

ଦୋଷକର୍ମ - କଫ-ବାତଶାମକ

♠ **ଦୋଷକର୍ମ :** କଫ-ବାତଶାମକ



♠ **ପ୍ରଭାବ :** ଗର୍ଭପାତନ

ପାଞ୍ଚଆଙ୍ଗୁଳିଆ ମଞ୍ଜି ଓ କନ୍ଦ କଫ-ବାତଶାମକ, ପିତ ସାରକ, କୃମିଘ୍ନ, ଗର୍ଭପାତକ, ରକ୍ତଶୋଧକ, ଗର୍ଭାଶୟ ସଂକୋଚକ, ବିଷମଜ୍ୱର ନାଶକ, ବ୍ୟଥାନାଶକ, ପ୍ରଦାହନାଶକ, ଶ୍ୱେତକୁଷ୍ଠନାଶକ, ପ୍ରମେହନାଶକ, ବ୍ରଣନାଶକ, ବାତ-ରକ୍ତ-ନାଶକ ଅଟେ । ଅଧିକ ମାତ୍ରାରେ ବ୍ୟବହାର ବାନ୍ତିକାରକ, ବିରେଚକ, ଉଦାରଶୂଳକାରକ, ହୃଦୟାବରୋଧକ ଅଟେ । ଅଳ୍ପ ମାତ୍ରାରେ ସେବନ କଲେ ଅଗ୍ନିଦିପନ କରେ । ଏହି ଲତାର କନ୍ଦ ବିଷକାରକ ଅଟେ ।

♠ **ବାଣିଜ୍ୟିକ ନାମ :** ଗ୍ଲୋରିଲିଲି

♠ **ବ୍ୟବହୃତ ଅଂଶ :** କନ୍ଦ

♠ **ରାସାୟନିକ ସଂଗଠନ :** କନ୍ଦରୁ ମିଳୁଥିବା ରାସାୟନିକ ପଦାର୍ଥ ମଧ୍ୟରେ କୋଲଚିସାଇନି, ବେନଜଏକ ଏବଂ ଶାଲିଶିଲିକ ଏସିଡ଼, ଷ୍ଟୋଭଲସ୍ ଏବଂ ରେଜିନ ସମ୍ପର୍କିତ ପଦାର୍ଥ, ଡିମିଥାଇଲ କୋଲଚିସାଇନି, ୧-୨-ଡାଇମିଥାଇଲ କୋଲଚିସାଇନ, ୨-୩ ଡାଇମିଥାଇଲ୍ କୋଲଚିସାଇନି, ଏନ୍-ଫର-ମିଲ-ଏନ୍-ଡିଏସିଟିଲ୍ କୋଲଚିସାଇନ ଏବଂ କୋଲଚିକୋସାଇଡ଼ ଥାଏ ।





ଫୁଲରେ ଲିଟିଓଲିନ ଏବଂ ଏହାର ଗ୍ଲୁକୋସାଇଡ୍, ଏନ୍-ଫରମିଲ-ଡ଼ି-ମି-କୋଲଚିସାଇନ ଏବଂ ଏହାର ଗ୍ଲୁକୋସାଇଡ୍ ଏବଂ ୨-ଡି-ମି-କୋଲଚିସାଇନି ଥାଏ।

♠ **ଉଭିଦର ପ୍ରାକୃତିକ ଆବାସ** : ଏହି ଗଛ ସମୁଦ୍ର ପତ୍ତନଠାରୁ ୧୨୦୦-୧୫୦୦ ମିଟର ଉଚ୍ଚସ୍ଥାନ ପର୍ଯ୍ୟନ୍ତ ଭଲଭାବରେ ବଢ଼ିପାରେ। କିନ୍ତୁ ମରୁଭୂମିରେ ଦେଖାଯାଏନାହିଁ। ପୃଥିବୀର ଦକ୍ଷିଣ ଆଫ୍ରିକା, ମାଡ଼ାଗାସ୍କର, ମାଲେସିୟା, ବର୍ମା, ଶ୍ରୀଲଙ୍କା ଓ ଚାଇନା ଦେଶମାନଙ୍କରେ ମଧ୍ୟ ଦେଖିବାକୁ ମିଳିଥାଏ। ଭାରତ ବର୍ଷର ବିଭିନ୍ନ ରାଜ୍ୟ ଯଥା; ହିମାଚଳ ପ୍ରଦେଶ, ଉତ୍ତରାଞ୍ଚଳ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଦେଖାଯାଏ। ତେବେ ପଶ୍ଚିମ ବଙ୍ଗରେ ବହୁଳ ପରିମାଣରେ ଏହି ଲତା ମିଳିଥାଏ। ଏହି ଗଛ ବିଶେଷତଃ କାନ୍ତିମଣ୍ଡଳୀୟ ତୃଣଭୂମି, ବିସ୍ତିର୍ଣ୍ଣ ପ୍ରାନ୍ତର, ଛୋଟ ଜଙ୍ଗଲ, ପରିତ୍ୟକ୍ତ ସ୍ଥାନ (ଯେଉଁଠାରେ ମାଟି ଅନୁର୍ବର), ରାସ୍ତା ଚାଷଜମିର ହୁଡ଼ା ବାଲିଆ ଓ ଦୋରସା ମାଟି ଯାଗାରେ ଦେଖିବାକୁ ମିଳେ। ଏହି ଗଛ ଓଡ଼ିଶାର ଖୋଲା ଜଙ୍ଗଲ ତଥା ପଥରୁଆ ମାଟିରେ ବଢ଼ିଥିବା ବୁଦୁବୁଦୁକିଆ ଜଙ୍ଗଲମାନଙ୍କରେ ଦେଖିବାକୁ ମିଳେ। ସମତଳ ଅଞ୍ଚଳ ଯଥା - ଭୁବନେଶ୍ୱର, ଘଣ୍ଟଶିଳା, ରମ୍ଭା ତଥା ଗଞ୍ଜାମ ଓ କଟକ ଜିଲ୍ଲାର କୁଆରିଆ ଅଞ୍ଚଳରେ ଯାହାର pH ୫.୫ - ୭.୦ ଓ ସମୁଦ୍ର ଜଳର ବାଲିଗଦାମାନଙ୍କରେ ଦେଖିବାକୁ ମିଳେ। ଏହାଛଡ଼ା, କୋରାପୁଟ, ମାନସକୋଣ୍ଡା, ଢେଙ୍କାନାଳ, ମହେନ୍ଦ୍ରଗିରି ଅଞ୍ଚଳରେ ମଧ୍ୟ ମିଳିଥାଏ।



♠ **ସ୍ୱରୂପ ବା ପରିଚୟ :** ଏହା ଏକ ବହୁବର୍ଷାୟୁ ଆରୋହୀ ଲତା। ମାଟିତଳେ ଥିବା ଗୋଟିଏ ମାଂସଳ ରାଇଜୋମ୍‌ରୁ ଏହା ସୃଷ୍ଟି ହୋଇଥାଏ। ଲମ୍ବ ପ୍ରାୟ ୪ ମିଟର ପର୍ଯ୍ୟନ୍ତ ଓ ପତ୍ରଗୁଡ଼ିକ ବାଉଁଶ ପତ୍ରପରି ଛୋଟ। ପତ୍ରର ଲମ୍ବ ୭.୫ ରୁ ୧୮ ସେଣ୍ଟିମିଟର, ପୁଷ୍ପର ଲମ୍ବ ୧.୫ ରୁ ୫ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥାଏ। ଡେମ୍ଫଗୁଡ଼ିକ ଲୋମବିହିନ। ବେଳେବେଳେ ଡେମ୍ଫ ଦୃଶ୍ୟ ହୋଇଥାଏ। ପତ୍ରର ଅଗ୍ରଭାଗ ସୂତ୍ରାକାର ବା ଅଂକୁଶାକାର ହୋଇଥିବାରୁ ବୃକ୍ଷରେ ସହଜରେ ଆରୋହଣ କରିପାରେ। ପତ୍ରର ମଝିଶିରା ସୁସ୍ପଷ୍ଟ ଓ ଅଗଅଭାଗ ମୁନିଆ। ମଝିଶିରାର ଉଭୟପାର୍ଶ୍ୱରେ ଶୁକ୍ଷ୍ମଶିରା ସମାନ୍ତରାଳ ଭାବରେ ଦୃଶ୍ୟହୁଏ। ଏହାର କାଣ୍ଡ ପତଳା ଏବଂ ପ୍ରାୟ ୬ ମିଟର ଲମ୍ବ ହୋଇଥାଏ। ଏହାର ଭୌମିକ କାଣ୍ଡ ପ୍ରାୟ ଏକଫୁଟ ଲମ୍ବ, ୧.୫ ଇଞ୍ଚ ବ୍ୟାସ ବକ୍ର, କେତେକ ଯାଗାରେ ସଂକୁଚିତ ଏବଂ ଏହାର ଶିରଭାଗ ମୁନିଆ ହୋଇଥାଏ। ମୂଳ କନ୍ଦଭଳି। ବର୍ଷାଦିନେ କନ୍ଦରୁ ଲତା  ବାହାରିଥାଏ। ଏହି ଲତାରୁ ଫୁଲ ସେପ୍ଟେମ୍ବରରୁ ଅକ୍ଟୋବର ଓ ଫଳ ଅକ୍ଟୋବରରୁ ନଭେମ୍ବରରେ ମାସରେ ହୋଇଥାଏ। ଶୀତରତୁ ପରେ ଏହି ଲତାଟି ଶୁଖିଯାଏ। ମାଟିଭିତରେ ରହିଥିବା କନ୍ଦଟିରୁ ପରବର୍ତ୍ତୀ ବର୍ଷାଋତୁରେ ଶାଖା ସୃଷ୍ଟି ହୋଇଥାଏ।



ଏହି କନ୍ଦ ପ୍ରାୟ ପାଞ୍ଚରୁ ଛଅ ବର୍ଷ ପର୍ଯ୍ୟନ୍ତ ମାଟି ଭିତରେ ବଞ୍ଚିରହେ। ଏହି ଫୁଲର ଆକୃତି ଏକକ ବା ଗୁଚ୍ଛାକାର, ଦେଖିବାକୁ ମନୋରମ ଏବଂ ଆକର୍ଷଣୀୟ। ପାଖୁଡ଼ା ଗୁଡ଼ିକ ପ୍ରସାରିତ ହୋଇ ପାଞ୍ଚଆଙ୍ଗୁଳି ପରି ଦେଖାଯାଏ। ଏଣୁ ଏହି ଲତାଟି ପାଞ୍ଚ ଆଙ୍ଗୁଳିଆ ଭାବେ ପରିଚିତ। ଏହାର ଉପର ଅଧାଭାଗ ଲୋହିତ ରଂଗ ହୋଇଥିବା ବେଳେ ତଳ ଅଧାଭାଗ ପୀତରଙ୍ଗ ହୋଇଥାଏ। ସମୟକ୍ରମେ ଫୁଲଟି ସଂପୂର୍ଣ୍ଣ ଲୋହିତ ବର୍ଣ୍ଣ ଧାରଣ କରେ। ଫଳରେ, ଦୂରରୁ ନିଆଁହୁଲା ପରି ଦୃଶ୍ୟମାନ ହୋଇଥାଏ। ଏଣୁ ଏହାକୁ ହିନ୍ଦି ଭାଷାରେ ଅଗ୍ନିଶିଖା ବୋଲି କୁହାଯାଏ।

ଏହାର ଫଳଟି ସବୁଜ ରଙ୍ଗର, ଚିକ୍କଣ, ଶୁଷ୍କ ଓ ଗୋଲାକାର ତଥା ଲମ୍ବାଳିଆ। ଏହାର ଲମ୍ବ ୪ରୁ ୬.୫ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥାଏ ଓ ଏହା ବହୁମଞ୍ଜି ବିଶିଷ୍ଟ। ଏହା ଅକ୍ଟୋବର ରୁ ନଭେମ୍ବର ମାସ ମଧ୍ୟରେ ପରିପକ୍ୱ ହୋଇ ପାଚିଥାଏ। ପାଚିବା ପରେ ଉଭୟ କାଣ୍ଡ ଓ ପତ୍ର ଖୁଖିଯାଆନ୍ତି।

ଏହାର ମଞ୍ଜି ଗୋଲାକାର ଏବଂ ଏହାର ବର୍ଣ୍ଣ କମଳା-ଲୋହିତ ବର୍ଣ୍ଣପରି। ମଞ୍ଜିର ଲମ୍ବ ପ୍ରାୟ ୫ ମିଲିମିଟର। ମଞ୍ଜିରେ କୋଲଚିସାଇନ ନାମକ ଏକ ରାସାୟନିକ ପଦାର୍ଥ ଥାଏ। କନ୍ଦଟି ଆଳୁପରି ବଡ଼ ଓ ମଝିରେ ମଝିରେ ସଂକୀର୍ଣ୍ଣ ହୋଇଥଏ। ଏହି କନ୍ଦ ଔଷଧ ପ୍ରସ୍ତୁତିରେ ବ୍ୟବହାର ହୋଇଥାଏ। ଏହାର ଲମ୍ବ ୨୫-୩୦ ସେଣ୍ଟିମିଟର ଓ ମାଂସଳ ହୋଇଥାଏ। ଏହା ସାଧାରଣତଃ ଦୁଇଖଣ୍ଡରେ ବିଭକ୍ତ ହୋଇଥାଏ।

♠ **ବିଷାକ୍ତତା ବା ଗରିଳତା :** ଏହି ଲତାଟି ବହୁ ବିଷାକ୍ତ ଏବଂ ଏହାର ପ୍ରୟୋଗ ବାବଦରେ ଧାରଣା ନଥିଲେ, ମନୁଷ୍ୟ ଓ ପ୍ରାଣୀମାନେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଅବୈଧ୍ୟ ଭାବରେ ଓ ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବରେ ନରହତ୍ୟା କରିବା, ଆତ୍ମହତ୍ୟା କରିବାଓ ପଶୁପକ୍ଷୀଙ୍କୁ ହତ୍ୟା କରିବା ନିମନ୍ତେ ଏହି ଲତାର କନ୍ଦ ବ୍ୟବହାର ହୋଇଥାଏ। ଏହି ଲତାର ସମସ୍ତ ଅଂଶ ବିଷାକ୍ତ କିନ୍ତୁ ଏହାର କନ୍ଦ ଅତ୍ୟନ୍ତ ବିଷାକ୍ତ, ବିଷାକ୍ତ ଆଲ୍‌କାଲଏଡ୍‌ରୁ କୁଲଚିସାଇନ ନାମକ ଏକ ବିଷାକ୍ତ ପତାର୍ଥ ଏଥିରେ ଅତ୍ୟଧିକ ପରିମାଣରେ ଥିବାରୁ ଏହି ଗଛ



ବିଷାକ୍ତ ହୋଇଛି। ଏତଦ୍‌ବତୀତ ଏହି ଗୁଳ୍ମରେ ଗ୍ଲୋରିଓସାଇନ୍ ନାମକ ଆଲକାଲଏଡ଼୍ ମଧ୍ୟ ଥାଏ ଯାହା କି ଜୀବନପାଇଁ ମାରାତ୍ମକ। ବିନା ଜ୍ଞାନରେ ଅନୁପଯୁକ୍ତ ଓ ଅତ୍ୟଧିକ ଭାବରେ ଗ୍ରହଣ କଲେ ବାନ୍ତି କରିବାର ଇଚ୍ଛା ଜାଗ୍ରତ ହୋଇ ପ୍ରବଳ ବାନ୍ତି ହୁଏ। ଏହାପରେ ପ୍ରାଣୀ ସ୍ତବ୍ଧ ହୋଇ ଅନୁଭୂତିଶୂନ୍ୟ ଓ ସ୍ଥାଣୁ ହୋଇପଡ଼େ ଏବଂ ଶେଷରେ ପକ୍ଷାଘାତ ରୋଗରେ ତୁରନ୍ତ ଆକ୍ରାନ୍ତ ହୋଇଥାଏ। ବେଳେବେଳ ତା'ର ପାଟିରେ ଫୋଡ଼ିଲାପରି, ଧକ୍‌ଧକ୍ ହେଲାପରି ଓ ଝିମ୍‌ଝିମ୍ ହେଲାପରି ଅବସ୍ଥା ହୋଇଥାଏ। ପେଟରେ ଅମ୍ଳତ୍ୱ ବୃଦ୍ଧି ହୋଇ ତଣ୍ଟିରେ ଅତ୍ୟଧିକ ଜ୍ୱଳନ ସୃଷ୍ଟ ହୋଇଥାଏ। ପେଟରେ ଯନ୍ତ୍ରଣା ସୃଷ୍ଟହୋଇ ମାନସିକ କ୍ଳେଶ ମଧ୍ୟରେ ପ୍ରଣୀଟି ରୋଗୀ ଭାବରେ ମୃତ୍ୟୁସହ ସଂଗ୍ରାମ କରେ। ରକ୍ତ ଝାଡ଼ା ହୁଏ ଓ ସମୟକ୍ରବେ ଶରୀରରୁ ଜଳୀୟ ଅଂଶ କମି କମି ଯାଏ।



ରୋଗୀର ଲକ୍ଷଣ ସମୁହ ପ୍ରକାଶ ପାଇବା ପରେ ପରେ ଶରୀର ତତ୍ୱରେ କଂକାଳର ମାଂସପେଶୀ ଓ ମୂତ୍ରଦେଇ ମାୟୋଗ୍ଲୋବିନ୍ ନାମକ ଦୂଷିତ ପଦାର୍ଥ ବାହାରିଥାଏ। ଏହି ଅବସ୍ଥା ସୃଷ୍ଟିକୁ ରାବଡୋମମାଇଲୋସିସ୍ କୁହାଯାଇଥାଏ। ସମୟକ୍ରବେ ମାଂସପେଶୀ ନଷ୍ଟହୋଇ  ବହୁ ପଦାର୍ଥ ସୃଷ୍ଟିହୁଏ ଏବ ତାହ ତୁରନ୍ତ ରକ୍ତ ମଧ୍ୟକୁ ପ୍ରବେଶ କରିଥାଏ, ପ୍ରୋଟିନ୍‌ମାଇଓଗ୍ଲୋବିନ୍ ନାମକ ପଦାର୍ଥ କିଡ଼ନିକୁ ତୁରନ୍ତ ନଷ୍ଟ କରି ତାକୁ ଅଚଳ କରିଥାଏ। ଏହାର ପ୍ରଭାବରେ ମାଂଶପେଶୀରେ ଯନ୍ତ୍ରଣା ଅସହ୍ୟ ହୋଇଥାଏ। ଏହାକ ତୁରନ୍ତ ଚକିତ୍ସା କରିବାକୁ ରକ୍ତ ଓ ମୂତ୍ର ପରୀକ୍ଷା କରି ଅଭିଜ୍ଞ ବୈଦ୍ୟଙ୍କଦ୍ୱାରା ଚିକିତ୍ସା କରାଯାଇଥାଏ। ଉପଯୁକ୍ତ ଚିକିତ୍ସା ସମ୍ଭବ ନହେଲେ, ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ। ଏହାବ୍ୟତୀତ ଶ୍ୱାସକ୍ରିୟାଜନିତ ଅବସନ୍ନ ଅବସ୍ଥା ସୃଷ୍ଟହୋଇ ରକ୍ତଚାପ ବୃଦ୍ଧିଘଟେ। ରକ୍ତର ଜମାଟବାନ୍ଧିବା କ୍ଷମତା ହ୍ରାସ ପାଇଥାଏ ଓ ପ୍ରାଣୀ ଦୀର୍ଘ ଅଚେତନ ଅବସ୍ଥା (କୋମା)କୁ ଚାଲିଯାଏ। ସ୍ତ୍ରୀଲୋକମାନଙ୍କ କ୍ଷେତ୍ରରେ ସେମାନଙ୍କର ଯୋନୀମୁଖରୁ ପ୍ରବଳ ରକ୍ତସ୍ରାବ ହୋଇଥାଏ।

♠ **ବଂଶ ବିସ୍ତାର :** ଅନ୍ୟାନ୍ୟ ଉଭିଦମାନଙ୍କ ପରି ଉଭୟ କନ୍ଦ ଓ ମଞ୍ଜି ମାଧ୍ୟମରେ ଏହି ଗଛର ବଂଶବିସ୍ତାର ହୁଏ। କନ୍ଦ ମାଟିରେ ୫-୬ ବର୍ଷ ବଞ୍ଚିରହି ନୂଆଗଛ ସୃଷ୍ଟି କରିବା ସହ ମଞ୍ଜି ଓ ଫଳ ସୃଷ୍ଟି କରାଇଥାଏ। ଏହା ଏକ  ୬ ମାସିଆ ଗଛ। ମଞ୍ଜିରୁ ଚାରା ଉତ୍ପନ୍ନ କରିବା ସହଜ କିନ୍ତୁ ଚାରାରୁ ଫସଲ କରି କନ୍ଦ ସୃଷ୍ଟିକରିବାରେ ଅହେତୁକ ବିଳମ୍ବ ହୁଏ। ସେପ୍ଟେମ୍ବରରୁ ଅକ୍ଟୋବର ମାସରେ ମଞ୍ଜି ବୁଣାଯାଏ। ୪-୫ ମାସ ପରେ ମଞ୍ଜି ଅଙ୍କୁରିତ ହୁଏ। ୫୦-୬୦ ଗ୍ରାମ କନ୍ଦକୁ ଫାଳକରି ବର୍ଷାଋତୁ ପୂର୍ବରୁ ଲଗାଇଲେ, ବର୍ଷାଦିନ ଆରମ୍ଭ ହେବାପରେ ଅଙ୍କୁରିତ ହୋଇଥାଏ। ଦୁଇମାସ ମଧ୍ୟରେ ଫୁଲଫୁଟିବା ଆରମ୍ଭ ହୁଏ ଓ ଫଳ ଧାରଣ କରେ। ଫଳଗୁଡ଼ିକ ପାକଳ ହେବାପରେ ସଂଗ୍ରହ କରାଯାଏ ଓ ତାକୁ ଶୁଖାଇ ମଞ୍ଜି ସଂଗ୍ରହ କରାଯାଏ। ବ୍ୟବସାୟ ଦୃଷ୍ଟିରୁ ମଞ୍ଜି ଫସଲର ମୁଖ୍ୟ ଅମଳ ଅଟେ। ଏହି ମଞ୍ଜିଗୁଡ଼ିକୁ ପୁନର୍ବାର ଶୁଖାଇ ବିକ୍ରିକରାଯାଏ। ୫ ବର୍ଷ ପର୍ଯ୍ୟନ୍ତ କନ୍ଦରୁ ସୃଷ୍ଟି ହୋଇଥିବା ଲତାରୁ ମଞ୍ଜି ସୃଷ୍ଟକରି ସଂଗ୍ରହ କରାଯାଇଥାଏ। ପ୍ରାୟ ପାଞ୍ଚବର୍ଷ ପରେ କନ୍ଦଗୁଡ଼ିକୁ ମାଟିରୁ ସଂଗ୍ରହ କରି ଛୋଟ ଛୋଟ ଖଣ୍ଡକରି ଶୁଖାଇ ବିକ୍ରି ଉପୋଯୋଗୀ କରିଯାଏ। ତେବେ ଗୋଟିଏ ବର୍ଷରେ ଗୋଟିଏ କନ୍ଦରୁ ଆଉମାତ୍ର ଗୋଟିଏ କନ୍ଦ ମିଳିଥାଏ। ପୁଆକନ୍ଦରୁ ଚୁନା ବା ତେଲ ସଂଗ୍ରହ କରି ବିକ୍ରି କରାଯାଇଥାଏ। ଚାଷ ସମୟରେ ଫିମ୍ପିମରା ରୋଗଯୋଗୁଁ ଏହି ଲତାର ବୃଦ୍ଧି ହୋଇନଥାଏ। ପଲିଟେଲା ଗ୍ଲୋଜ୍‌ଓଶା ଏବଂ କ୍ରାଇଶୋଡ଼େଇସ୍କିଶ ଚାଲସାଇଟିସ ନାମକ ଦୁଇଟି ମୁଖ୍ୟକୀଟ ଏହି ଲତାକୁ ନଷ୍ଟ କରିଥାନ୍ତି। ଓଡ଼ିଶାରେ ପାଞ୍ଚଆଙ୍ଗୁଳିଆ ଏକ ବିପନ୍ନ ଶ୍ରେଣୀ ଭୁକ୍ତ ଅଟେ।

♠ **ରୋଗ ଏବଂ ରୋଗ ଉପଶମପାଇଁ ଔଷଧୀୟ :**

ସଂସ୍କୃତ ପୋଥିରୁ ଜଣାପଡ଼ିଛି ଯେ ୭ଟି ବିଷ ମଧ୍ୟରୁ ପାଞ୍ଚଆଙ୍ଗୁଳିଆ କନ୍ଦ ବହୁତ ବିଷାକ୍ତ। ପାଞ୍ଚଆଙ୍ଗୁଳିଆ ଲତାର ଔଷଧ ପ୍ରୟୋଗ କଲେ ଗର୍ଭପାତ ପ୍ରଭାବିତ ହୋଇଥାଏ। ପାଞ୍ଚଆଙ୍ଗୁଳିଆ ଗୋଟିଏ ଭଲ abortifacient,ଏଣୁ ଗର୍ଭାଶୟ ମଧ୍ୟରୁ ଭ୍ରୁଣ ଓ ଫୁଲ ବାହାର କରିବାରେ ଏହାର ବ୍ୟବହାର ସର୍ବୋତ୍କୃଷ୍ଟ। ଏହା ମଧ୍ୟ ପିତା, ଉତ୍କଟ ଗନ୍ଧଯୁକ୍ତ, କୋଷ୍ଠବଦ୍ଧକାରକ, ଜୀବାଣୁନାଶକ ଏବଂ କୃମିନାଶକ।



ଏହା କୁଷ୍ଠ, ଫୁଲା ଅବସ୍ଥା, ଅର୍ଶ, ବହୁକାଳ ସ୍ଥାୟୀ ଦୁଷିତ ପଦାର୍ଥଯୁକ୍ତ ଘା, ପେଟମରା ରୋଗର ଯନ୍ତ୍ରଣା ଇତ୍ୟାଦି ରୋଗକୁ ଦୂରିକରଣ କରିଥାଏ।

ଏହି ଗଛର ଚେର antiperiodic, ବିଶୋଧକ, puragative, cholagogue, anthelmintic. ଚେରରୁ ମିଳିଥିବା ଶ୍ୱେତସାର ଯୌନାଙ୍ଗର ପ୍ରମେହ ରୋଗ ନିରାକରଣରେ ବ୍ୟବହାର ହୋଇଥାଏ। ଚେରରୁ ରସ ପ୍ରୟୋଗ କଲେ ଗର୍ଭାଶୟର ମାଂସପେଶୀ ସଂକୁଚିତ ଓ ପ୍ରସାରିତ ହୋଇଥାଏ। ଫଳରେ ଗର୍ଭପାତ ସୁରୁଖୁରୁରେ ହୋଇଥାଏ। ଚେରର ପାଉଡ଼ର ଗଣ୍ଠିଫୁଲା ଓ ଯନ୍ତ୍ରଣା ସହ ଆମବାତ ଜ୍ୱରରେ ବ୍ୟବହାର ହୋଇଥାଏ। ଗୁଣ୍ଡକୁ ଚକଟା ବା ମଣ୍ଡକରି ପ୍ରସୂତି ସ୍ତ୍ରୀଲୋକମାନଙ୍କର ପ୍ରସବ ବେଦନା ଲାଘବ ନିମନ୍ତେ ପେଟର ନାଭି ଏବଂ ଯୌନାଙ୍ଗ ଉପରେସ୍ଥ ବା ତଳିପେଟ ଅଞ୍ଚଳରେ ପ୍ରୟୋଗ କରାଯାଏ। ହାତର ପାପୁଲି ଏବଂ ପାଦର ତଳ ଅଂଶରେ ମଧ୍ୟ ପ୍ରଯୋଗ କରାଯାଇଥାଏ। ଏହାର କନ୍ଦ ଉଭୟ ବଳ ଓ ପୃଷ୍ଟକାରକ ଔଷଧ, ଅଗ୍ନିବର୍ଦ୍ଧକ ଏବଂ antheminitic ଉଭୟ ଚେର ଓ କନ୍ଦର ପେଷ୍ଟ ସାପକାମୁଡ଼ା, ବିଛାକାମୁଡ଼ା ଏବଂ କୁଷ୍ଟରୋଗରୁ ମୁକ୍ତିଦେଇଥାଏ। ଏହା ମଧ୍ୟ ପିତ୍ତ କ୍ଷରଣରେ ସାହାଯ୍ୟ କରିଥାଏ। antidote ହିସାବରେ କାମକରିଥାଏ। ଉଦ୍ଭିଦର ବିଭିନ୍ନ ଅଂଶ ପିତକୋଷ ଯନ୍ତ୍ରଣା, ବଥ ବା ଘା, ery supelas ଏବଂ ସିଫିଲସ୍ ମଧ୍ୟ ବ୍ୟବହାର ହୋଇଥାଏ। ଉଦ୍ଭିଦର ରସ spamolytic ଏବଂ CNS depressant. ପତ୍ରର ରସ ହେଉଛି piscidal ପାରମ୍ପରିକ ପଦ୍ଧତିରେ ଚେରକୁ ପତଳା କରି କାଟି ଲୁଣ ଓ ଲହୁଣୀରେ ଚାରିରୁ ପାଞ୍ଚଦିନ ବତୁରାଇ ପୁନର୍ବାର ଚାରିରୁ ପାଞ୍ଚଦିନ ଶୁଖାଇଲେ ବିଷ ଅଂଶ ଚାଲିଯାଏ। ଏହି ପତଳା ସୂକ୍ଷ୍ମ ଅଂଶକୁ ପାଟିରେ ଚୋବାଇଲେ ନାଗସାପର ବିଷ ଚାଲିଯାଇଥାଏ। A white farlinaceous starch is obtained from the root by repeated washing and grinding throwing away the supernatent liquid and washing the residue carefully six times.

ପାଞ୍ଚଆଂଗୁଳିଆ ଅତ୍ୟନ୍ତ ବିଷାକ୍ତ। ଯଦି ଆବଶ୍ୟକତାଠାରୁ ଅଧିକ ପରିମାଣ ରୋଗୀକୁ ଦିଆଯାଏ, ତେବେ ମନୁଷ୍ୟ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ।





# ଭୂଇଁନିମ୍ବ

## *Andrographis paniculata*



ବନସ୍ପତି (ବୈଷୟିକ) ନାମ

**ଆଣ୍ଡ୍ରୋଗ୍ରାଫିସ୍ ପାନିକୁଲାଟା**

ଉଦ୍ଭିଦ ଜଗତ ପରିବାର

**ଆକନ୍ଥାସି (Aceanthaceae)**

♠ **ବନସ୍ପତି (ବୈଷୟିକ) ନାମ :** ଆଣ୍ଡ୍ରୋଗ୍ରାଫିସ୍ ପାନିକୁଲାଟା *(Andrographis paniculata)*

♠ **ଉଦ୍ଭିଦ ଜଗତ ପରିବାର :** ଆକନ୍ଥାସି *(Aceanthaceae)*

♠ **ଇଂରାଜୀରେ ନାମ :** କିଙ୍ଗ ଅଫ୍ ବିଟରସ୍, ଗ୍ରିନ ଚିରେଇତା, ଦି କ୍ରିଏଟ।

♠ **ସଂସ୍କୃତରେ ନାମ :** ଭୂନିମ୍ବ, କାଲ୍‌ମେଘ, କିରାଟ, ୟେବତିକ୍ତ, ଶ୍ୱେତତିକ୍ତ, ଶ୍ୱେତକୁହ୍ନ, ଶଂଖିନୀ, ସୂକ୍ଷ୍ମପୁଷ୍ପ, ତିକ୍ତଫଳ, ୟାଶସ୍‌ବନି, ୟବି, କଳ୍ପନାଥ, ମହାତିକ୍ତ।

♠ **ଓଡ଼ିଆରେ ନାମ :** ଭୂଇଁନିମ୍ବ, ଭୂଇଁନିମ୍ବୋ, ଚିରେଇତା, ଭୂଇଁଲିମ୍ବ, ଭୂଇଁନିମ୍।

♠ **ଭାରତର ବିଭିନ୍ନ ରାଜ୍ୟ ଓ ଅଞ୍ଚଳରେ ନାମ :** ଆସାମୀ - ଚିରୋତା, କନ୍ନଡ଼ - ନିଲାବିଭୂ, ମରାଠୀ - କଡୁ, କିରେୟିତା, ଓଲେନ କିରେୟିତା, ମାଲୟଲମ - ନିଳଭଏପ, କିରେୟିତା, ବେଙ୍ଗଲି - କାଲମେଘ, ଆଲୁଇ, ଚିରେଇତା, ତେଲଗୁ - ନୀଳଭିମା, ନୀଲାଭେମୁ, ଗୁଜରାଟୀ - ନିଲୁନକରିୟାତୁ, କରିୟାତୁ, ଓଲି କିରିୟାତ୍, ହିନ୍ଦୀ- କୁଲଫନାଥ, କିରାୟାତ, କାଲମେଘ, ମହାଟିତ୍, ତାମିଲ୍ - ନୀଲାବେମ୍ବୁ, ନୀଳଭେମ୍ବୁ। ତେବେ ଭାରତରେ ଉତ୍ତର ପୂର୍ବାଂଚଳରେ ଏହାକୁ ମହାତିତ କୁହାଯାଏ, ଅର୍ଥାତ୍ ପିତାର ରାଜା।







♠ **ଆୟୁର୍ବେଦିକ ଏକାର୍ଥ ବାଚକ ଶବ୍ଦ :** କୁନିମ୍ବ, ଭୂମିନିମ୍ବକ, ଶଂଖିନୀ, ଉପନିମ୍ବ, ୟୁବାତିକ୍ତ।

♠ **ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

ଗୁଣ - ଲଘୁ, ରୁକ୍ଷ    ବିପାକ - କଟୁ ।

ରସ - ତିକ୍ତ    ବିର୍ଯ୍ୟ - ଉଷ୍ଣ।

ଦୋଷକର୍ମ - କଫ ପିତ ଶାମକ।

ଏହା କଫ ପିତ୍ତଶମକ ତଥା ଅଗ୍ନିମାନ୍ଦ୍ୟ, ୟକୃତବୃଦ୍ଧି, କୃମିରୋଗ, ରକ୍ତବିକାର, ଚର୍ମରୋଗ ଓ ଜ୍ୱର ଆଦିରେ ଉପଯୋଗ କରାଯାଏ। ୟକୃତ ରୋଗରେ ବହୁଳ ଭାବରେ ବ୍ୟବହାର କରାଯାଏ।

♠ **ବାଣିଜ୍ୟିକ ନାମ :** କାଲମେଘ୍, ଆଣ୍ଡ୍ରୋଗ୍ରାଫିସ୍।

♠ **ବ୍ୟବହୃତ ଅଂଶ :** ସର୍ବାଙ୍ଗ ।

♠ **ରାସାୟନିକ ସଂଗଠନ :** ଏହି ଉଦ୍ଭିଦରୁ ତିକ୍ତ ଗ୍ଲୁକୋସାଇଡ଼: ଆଣ୍ଡ୍ରୋଗ୍ରାଫୋଲାଇଡ୍, ନିଓଆଣ୍ଡ୍ରୋଗ୍ରାଫୋଲାଇଡ୍, ପେନାକୁଲୋସାଇଡ୍, ଫ୍ଲେଭୋନଏଡ଼ସ୍, ଆଣ୍ଡ୍ରୋଗ୍ରାଫିନ୍, ପାନିକାଲିନ୍, ଆପିଜେନିନ୍, ୭-୪-ଡାଇମିଥାଇଲ୍ ଇଥର ମିଳିଥାଏ ।

ଚେରରୁ ଆଣ୍ଡ୍ରୋଗ୍ରାଫିନ ଓ ପାନିସେଲିନ ନାମକ ରାସାୟନିକ ପଦାର୍ଥ ମିଳିଥାଏ । ପତ୍ରରେ ବିଟାଶିଟୋଷ୍ଟେରୋଲ ଗ୍ଲୁକୋସାଇଡ଼ ଏବଂ ଆଣ୍ଡ୍ରୋଗ୍ରାଫୋଲାଇଡ଼, ପାନିକୋଲାଇଡ଼, ପଲିଫିନଲସ୍, କେଫିକ ଏବଂ କ୍ଲୋରୋଜେନିକ ଏସିଡ୍ ଥିବାର ଜଣାଯାଏ । ଅନ୍ୟ ଏକ ଗବେଷଣାରୁ ଜଣାପଡ଼ିଛି ଯେ ଆଣ୍ଡ୍ରୋଗ୍ରାଫି ନାମକ ପଦାର୍ଥରୁ ସୃଷ୍ଟି ଅନ୍ୟ ଏକ ରାସାୟନିକ ପଦାର୍ଥ ଆଣ୍ଡ୍ରୋଗ୍ରାଫୋଲଏଡ଼ ରକ୍ତରୁ ସାଇଟୋକାଇନ ଓ ନିଉଟ୍ରୋଫିଲସର ପେରିଟୋନିଏଲକୁ କମ୍ ଜମା କରିଥାଏ । ତେବେ ନିମ୍ନଲିଖିତ ରାସାୟନିକ ପଦାର୍ଥ ଗବେଷଣାରୁ ଜଣାପଡ଼ିଛି -





୧୪- ଡିଓକ୍ସି - ୧୧-ଡିହାଇଡ୍ରୋ ଆଣ୍ଡ୍ରୋଗ୍ରାଫୋଲାଇଡ଼, ପ୍ଲାଣ୍ଟ

୫ - ହାଇଡ୍ରୋକ୍ସି - ୭, ୮, ୨', ୩' - ଟେଟ୍ରାମେଥୋକ୍ସିଫ୍ଲାବୋନ, ପ୍ଲାଣ୍ଟ ୫ - ହାଇଡ୍ରୋକ୍ସି - ୭, ୮, ୨' - ଟ୍ରାଇମେଥୋକ୍ସିଫ୍ଲାବୋନ, ଟିସୁକଲ୍‌ଚର

ଆଣ୍ଡ୍ରୋଗ୍ରାଫାଇନ୍, ଚେର

ଆଣ୍ଡ୍ରୋଗ୍ରାଫୋଲାଇଡ଼, ପ୍ଲାଣ୍ଟ

ନିଓଆଣ୍ଡ୍ରୋଗ୍ରାଫୋଲାଇଡ଼, ପ୍ଲାଣ୍ଟ

ପାନିକୋଲାଇନ, ଚେର

ପାନିକୋଲାଇଡ଼ - ଏ, ପ୍ଲାଣ୍ଟ

ପାନିକୋଲାଇଡ଼ - ବି, ପ୍ଲାଣ୍ଟ

ପାନିକୋଲାଇଡ଼ - ସି, ପ୍ଲାଣ୍ଟ

କାଳମେଘିନି ନାମକ ତିକ୍ତ ପଦାର୍ଥରୁ ଏହି ଉଦ୍ଭିଦକୁ କାଳମେଘ ବୋଲି ନାମକରଣ କରାଯାଇଛି ।

♠ **ଉଦ୍ଭିଦର ପ୍ରାକୃତିକ ଆବାସ :** ଭୂଇଁନିମ୍ବ ଭାରତର ପ୍ରାୟ ସବୁ ଯାଗାରେ ଦେଖିବାକୁ ମିଳେ । ଏହା ସମୁଦ୍ର ପତ୍ତନଠାରୁ ୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଯାଗାରେ ହୋଇଥାଏ । ଫଳରେ, ବହୁତ ପରିମାଣର ଗଛ ଦେଖିବାକୁ ମିଳେ । ଉଦ୍ଭିଦର ପ୍ରାକୃତିକ ଆବାସ ଯଥା - ସମତଳ ଯାଗା, ସମୁଦ୍ର କୂଳ, ଚାଷଉପଯୋଗୀ ଯାଗା, ରାସ୍ତାକଡ଼, ପାର୍ବତ୍ୟାଂଚଳ, କୃଷିକ୍ଷେତ୍ର ଏବଂ ନିଷ୍ଫଳା ବା ଅଦରକାରୀ ଜମିରେ ଦେଖିବାକୁ ମିଳେ । ଦକ୍ଷିଣ ଭାରତ ତଥା ଶ୍ରୀଲଙ୍କାରେ ପ୍ରଚୁର ପରିମାଣରେ ମିଳୁଥିବାରୁ ଏହି ଗଛ ସେହି ଅଞ୍ଚଳରୁ ସୃଷ୍ଟିହୋଇଥିବା ଅନୁମାନ କରାଯାଏ । ଉତ୍ତର ଭାରତରେ ଏହି ଗଛକୁ ପ୍ରଚଳନ କରାଯାଇଥିବା ଅନୁମାନ କରାଯାଏ । ପୃଥିବୀର ବିଭିନ୍ନ ଦେଶ ଯଥା - ଆମେରିକା, ଇଣ୍ଡୋନେସିଆ, ଜାଭା, ହଂକଂ, ୱେଷ୍ଟଇଣ୍ଡିଜ୍ ଏବଂ ଏସିଆ ମହାଦେଶର କେତେକ ଅଂଶରେ ଦେଖିବାକୁ ମିଳେ । ତେବେ ଏସିଆ ମହାଦେଶର ଉତ୍ତର ଏବଂ ଉତ୍ତର ପୂର୍ବାଂଚଳରେ ବେଶୀ ଦେଖିବାକୁ ମିଳେ । ଏତଦ୍‌ବ୍ୟତୀତ ହଂକଂ, ଥାଇଲାଣ୍ଡ, ବ୍ରୁନେଇ, ସିଂଗାପୁର ଇତ୍ୟାଦି ଦେଶରେ ଦେଖିବାକୁ ମିଳିଥାଏ ।ଭାରତର ଲକ୍ଷ୍ନୌଠାରୁ ଆରମ୍ଭ କରି ଆସାମ ପର୍ଯ୍ୟନ୍ତ ଦେଖିବାକୁ ମିଳେ । ପଶ୍ଚିମବଂଗରେ ବେଶୀ ଦେଖିବାକୁ ମିଳେ ।







♠ **ରୂପ ବା ପରିଚୟ :** ଭୂଇଁନିମ୍ବ ଏକ ବାର୍ଷିକ ସିଧା ସଳଖ ଶାଖା ପ୍ରଶାଖାଯୁକ୍ତ ଛୋଟ ଗଛ । ଏହାର ଉଚ୍ଚତା ୩୦ ରୁ ୧୧୦ ସେ.ମି. ଗୁଳ୍ମିଟି ଓଦାଳିଆ ଏବଂ ଛାଇଜାଗାରେ ଭଲ ହୋଇଥାଏ ।

ଏହାର କାଣ୍ଡ ଗୁଡ଼ିକ ତୀକ୍ଷ୍ଣ ଭାବରେ ଚାରିକୋଣିଆ ଓ ଉପରକୁ ରୋମଶ ଏବଂ ଅଳ୍ପ ମୋଟେଇର ହୋଇଥାଏ । କାଣ୍ଡର ରଙ୍ଗ ଅତ୍ୟଧିକ ସବୁଜ ରଙ୍ଗର ହୋଇଥାଏ ।

ଏହାର ପତ୍ର ୬-୮ ସେଣ୍ଟିମିଟର ଏବଂ ଚଉଡ଼ା ୨-୫ ସେଣ୍ଟିମିଟର ହୋଇଥାଏ ।

ଗଛର ଫୁଲ ଛୋଟ ଏବଂ ଫିକା ବାଇଗଣି ଚିହ୍ନଯୁକ୍ତ ହୋଇଥାଏ ।

ଫଳ ଜବାକାରକୃତି, ଲମ୍ବ ୩/୪ ଇଂଚ, ଚଉଡ଼ା ୧/୮ ଇଂଚ । ନୂତନ ଫଳ ରୋମଶ ଏବଂ ପ୍ରୌଢ଼ ଫଳ ଚିକ୍କଣିଆ ହୋଇଥାଏ । ଫଳ ମଧ୍ୟରେ ବହୁତ ହଳଦିଆ ଓ ପାଉଁଶ ରଂଗର ମଂଜି ଥାଏ । ସେପ୍ଟେମ୍ବର ମାସରୁ ମୋ ମାସ ମଧ୍ୟରେ ଫୁଲ ଏବଂ ଫଳ ହୋଇଥାଏ । ଆୟୁର୍ବେଦରେ ଏହାକୁ "କାଲମେଘ" ବା "କଳାମେଘ" ଅଥୟାତ୍ କଳାବାଦଲ ବୋଲି କୁହାଯାଇଥାଏ । ଏହାକୁ

ମଧ୍ୟ ଭୂଇଁନିମ କୁହାଯାଏ। ଅର୍ଥାତ୍ "ମାଟିର ନିମ"। ଏହା ଗୋଟିଏ ବର୍ଷିକିଆ ଗୁଳ୍ମ ହୋଇଥିଲେ ମଧ୍ୟ, ନିମ୍ବ ଗଛର ପତ୍ରଠାରୁ ଅଧିକ ପିତାଯୁକ୍ତ ହୋଇଥାଏ। ମାଲେସିୟାରେ ଏହାକୁ ହେମ୍ପେଡୁବୁମି ଅର୍ଥାତ୍ ପୃଥିବୀର ପିତ ବୋଲି ମଧ୍ୟ କୁହାଯାଇଥାଏ।

♠ **ପୁଷ୍ପସଂକ୍ରାନ୍ତ ବିଶେଷ ଗୁଣ :**

♠ **ବଂଶବିସ୍ତାର :** ଏହି ଗଛ ସୂର୍ଯ୍ୟାଲୋକ ପରିପୂର୍ଣ୍ଣ ଅଂଚଳରେ ଭଲଭାବରେ ବଢ଼ିଥାଏ। ମଂଜିଗୁଡ଼ିକ ମେ ମାସରୁ ଜୁନ୍‌ମାସ ମଧ୍ୟରେ ବୁଣାଯାଏ ଏବଂ ୬୦/୩୦ ସେଣ୍ଟିମିଟର ବ୍ୟବଧାନରେ ବର୍ଷାଦିନେ ରୋପଣ କରାଯାଇଥାଏ। କେତେକ କ୍ଷେତ୍ରରେ ୩୦/୧୫ ସେଣ୍ଟିମିଟର ବ୍ୟବଧାନରେ ମଧ୍ୟ ଚାରାରୋପଣ ହୋଇଥାଏ। ଗୋଟିଏ ହେକ୍ଟର ଚାଷପାଇଁ ପ୍ରାୟ ୪୦୦ ଗ୍ରାମ ମଞ୍ଜି ଦରକାର ହୋଇଥାଏ। ଏହି ଗଛର ସର୍ବାଙ୍ଗ ତିକ୍ତ ହୋଇଥିବାରୁ କୌଣସି କୀଟ ଦଂଶନ ତଥା ସଂକ୍ରମଣ ହୋଇଥିବାର ସୂଚନା ନାହିଁ। ଚାରାରୋପଣର ୯୦-୧୨୦ ଦିନ ମଧ୍ୟରେ ଫୁଲ ଆସିଥାଏ। ମୂଳଠାରୁ ୧୦-୧୫ ସେଣ୍ଟିମିଟର ଉଚ୍ଚତାରେ ଚାରାକୁ କାଟିବାକୁ ପଡ଼େ। ପ୍ରଥମ ଅମଳର ୫୦-୬୦ ଦିନ ପରେ ଶେଷ ଅମଳ କରାଯାଇଥାଏ। ଗୋଟିଏ ହେକ୍ଟରରେ ୨୦୦୦-୨୫୦୦ କିଲୋଗ୍ରାମ ମଞ୍ଜି ମିଳିଥାଏ।

♠ **ରୋଗ ଏବଂ ରୋଗ ଉପଶମପାଇଁ ଔଷଧୀୟ ପ୍ରୟୋଗ :** ଭୂମି ଉପରକୁ ଥିବା ଏହି ଉଦ୍ଭିଦର ସମସ୍ତ ଅଂଶ ମୂଳ ବ୍ୟତୀତ ଭୂଇଁନିମ୍ବ ଔଷଧ ରୂପେ ବ୍ୟବହୃତ ହୁଏ। ଭୂଇଁ ନିମ ହେଉଛି ଏକ ତିକ୍ତ ଶକ୍ତି ବର୍ଦ୍ଧକ ରସାୟନ। ଏହା ଜ୍ୱର, ଆମାତିସାର ଓ ପେଟଫମ୍ପା ରୋଗକୁ ତୁରନ୍ତ ଉପଶମ କରେ। ବହୁ ପୂରାତନ ଯୁଗରୁ ଭୂଇଁନିମ୍ବ ଆୟୁର୍ବେଦିକ ଔଷଧ ଭାବେ ବ୍ୟବହାର କରାଯାଇଆସୁଅଛି। ଭାରତବର୍ଷରେ ଆଦିବାସୀମାନେ ଏହି ଗଛକୁ ବହୁଳ ଭାବରେ ବ୍ୟବହାର କରିଥାନ୍ତି। ଏହି ଗଛ ଶ୍ୱାସକ୍ରିୟା ସଂକ୍ରମଣ, ଯକୃତ ବୃଦ୍ଧି, ରକ୍ତଦୋଷ, କୃମିଦୋଷ, ମଧୁମେହ, ଚର୍ମରୋଗ, କୋଷ୍ଠବଦ୍ଧତା, ଜ୍ୱର ଭଳି ରୋଗରେ ବହୁତ ଫଳପ୍ରଦ ହୋଇଥାଏ।

♠♠♠





# ଅନନ୍ତମୂଳ

## *Hemidesmus indicus*



ବନସ୍ପତି (ବୈଷୟିକ) ନାମ

**ହେମିଡ୍ରେସମସ୍ ଇଣ୍ଡିକସ**

ଉଦ୍ଭିଦ ଜଗତ ପରିବାର

**ଆପସିନେସି (Apocynaceae)**



♠ **ବନସ୍ପତି (ବୈଷୟିକ) ନାମ :** ହେମିଡ଼େସମସ୍ ଇଣ୍ଡିକସ୍ *(Hemidesmus indicus)*

♠ **ଉଦ୍ଭିଦ ଜଗତ ପରିବାର :** ଆପସିନେସି *(Apocynaceae)*

♠ **ଇଂରାଜୀରେ ନାମ :** ଇଣ୍ଡିଆନ ସାରସାପାରିଲା, ଫଲସ୍‌ସାରସାପାରିଲା

♠ **ସଂସ୍କୃତରେ ନାମ :** ସାରିବା, ଅନନ୍ତମୂଳ, ଗୋପକନ୍ୟା, ଦାଦିମପତ୍ର, ଶାରଡ଼ୀ ଗୋପୀ, ଦୁଗ୍ଧଗର୍ଭ, ଚନ୍ଦନଗନ୍ଧ, କୃଷୋଦରୀ, ଗୋପବଲ୍ଲୀ, ଉତ୍ପଳସାରିବା, ଅନନ୍ତା, ନାଗଜିଭା, ସୁଗନ୍ଧା, ଗୋପୀମୁଲମ, ଚନ୍ଦନା, ଧବଳା।



♠ **ଓଡ଼ିଆରେ ନାମ :** ଅନନ୍ତମୂଳ, ଓନନ୍ତମୂଳ, ସୁଗନ୍ଧି, ରାଇଗଡ଼ି, ଚେମରି ବଳମୂଳା, ଦୁଧି, ସୁକଣ୍ଡି, ଆଲଗୁନକୁଣ୍ଡି, ଲଡ୍ଡୁଗୋରା, ଦୁଧଲୋହ, ଖାପା, ଗୁଆପାନମୂଳ, ଚେମେରିଲଇ ମୂଳ ଚେମେଡ଼ଇଲଇ ମୂଳ, କୋହ୍ଲ ଭାଷାରେ ଗୁଆଧେମଡ଼ା, ସଉରା ଭାଷାରେ ଗାରଗେରୀ, କନ୍ଧଭାଷାରେ ଚିରାମର, ତ୍ରଜାମଳ।

♠ **ଭାରତର ବିଭିନ୍ନ ରାଜ୍ୟ ଓ ଅଞ୍ଚଳରେ ନାମ :** ତେଲଗୁ – ମାର୍ଚ୍ଛିଭାପୁଲା, ଗାମୁ, ସୁଗନ୍ଧପାଲା, ବଙ୍ଗଳା – ଅନନ୍ତମୂଳ, ମରାଠୀ – ଅନନ୍ତ ଭେଲ, ତାମିଲ – ନାନ୍ନାରି, ଗୁଜରାଟି – ଅନନ୍ତମୂଳ, ଉପଳସାରି, ହିନ୍ଦି – ଅନନ୍ତମୂଳ, କପୁରୀ।



ଆର୍ୟୁବେଦିକ ଏକାର୍ଥବାଚକ ଶବ୍ଦ : ଲତା, ଆସ୍ଫୋଟା, ଶ୍ୟାମା, ଗୋପା, ଗୋପାବାଲି, ଧବଳସାରିବା, ଚନ୍ଦନା।

**♠ ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

| | |
|---|---|
| ଗୁଣ - ଗରୁ, ସ୍ନିଗ୍ଧ, | ବିପାକ - ମଧୁର |
| ରସ - ମଧୁର, ତିକ୍ତ | ବିର୍ଯ୍ୟ - ଶୀତଳ। |

ଏହା ତ୍ରିଦୋଷ ନାଶକ, ଶୁକ୍ର ବର୍ଦ୍ଧକ ଏବଂ ଅରୁଚି, ଅଗ୍ନିମାନ୍ଦ୍ୟ, କାଶ, ଶ୍ୱାସ, ବମନ, ତୃଷ୍ଣା, ଜ୍ୱର, ରକ୍ତପ୍ରଦର, ଅତିସାର, କଣ୍ଡୁ, କୁଷ୍ଠ, ଦେହ ସୁର୍ଗନ୍ଧଆଦିର ବିନାଶକ ଅଟେ।

**♠ ବାଣିଜ୍ୟିକ ନାମ :** ଇଣ୍ଡିଆନ୍ ସାରସାପାରିଲା, ଅନ୍ତମୂଳ, ଏମେଟିକ୍ ଶ୍ୟାଲୋଓରି, ଇଣ୍ଡିଆନ୍ ଇପିକାକ୍।

**♠ ବ୍ୟବହୃତ ଅଂଶ :** ମୂଳ, ଚେର ଓ ମୂଳର ଛେଲି।





**♠ ରାସାୟନିକ ସଂଗଠନ :** ଏହି ଗୁଳ୍ମ ପ୍ରାକୃତିକ ଉପାୟରେ ଦରକାରୀ ଔଷଧ ଉପଯୋଗୀ ପଦାର୍ଥ ଉତ୍ପନ୍ନ କରିଥାଏ। ଏହି ଦ୍ରବ୍ୟମାନଙ୍କୁ ଉପଯୋଗ କରି ବହୁ ଦୂରାରୋଗ୍ୟ ରୋଗର ଉପଶମ ବା ଆରୋଗ୍ୟ କରାଯାଇଥାଏ। ବୈଜ୍ଞାନିକ ଗବେଷଣା ଦ୍ୱାରା ମୂଳ, କାଣ୍ଡ, ପତ୍ର ଓ ଫୁଲରୁ ଏକ ଶହରୁ ଉର୍ଦ୍ଧ୍ୱ ଅସାଧାରଣ ଯୌଗିକ ବସ୍ତୁର ଉତ୍ପାଦନ କରାଯାଇପାରିଛି। ଏହି ଗୁଳ୍ମର ସେହି ଯୌଗିକ ବସ୍ତୁଗୁଡ଼ିକ ହେଲା ହାଇଡ୍ରୋକ୍ସି-୪-ମେଥୋକ୍ସି ବେଞ୍ଜାଲ ଡିହାଇଡ୍, ୨-ହାଇରୋକ୍ସି-୪-ମେଥୋକ୍ସି ବେଞ୍ଜେନଏଡ୍, ଆଲଫା-ଆମିରିନ୍ ଟ୍ରିଟେରପେନ୍, ବେଞ୍ଜୋଇକ୍ ଏସିଡ୍, ବେଟା-ଆମିରିନ୍, ବେଟାସିଟୋଷ୍ଟେରାଲ, କୋମାରିନ୍, ଡେଲଟା-ଡିହାଇଡ୍ରୋ ଲୁପେଲ ଆକିଟେଟ୍, ଡେଲଟା-ଡିହାଇଡ୍ରୋ ଲୁପାନିଲ-୩-ବେଟାଆକିଟେଟ୍, ଡେସ୍ମାଇନ୍, ଗ୍ଲୁକୋସାଇଡ୍ସ୍, ହେମିଡ୍ରେସ୍ମିନ୍-୧ ଓ ୨, ହେମିଡ୍ରେସ୍କାଇନ୍, ହେମିଡ୍ରେସ୍ମିକ୍ ଏସିଡ୍, ହେମିଡ୍ରେସ୍ମାଇନ୍, ହେମିଡ୍ରେସ୍ମଲ,ହେମିଡ୍ରେସ୍ଟରଲ, ହେମିଡ୍ରାଇନ୍, ହେମିସାଇନ୍, ହେକ୍ସାଟ୍ରାଇକୋନେଟ୍ ଏସିଡ୍, ହାଇପୋରୋସାଇଡ୍, ଇଣ୍ଡିସାଇନ୍, ଇଣ୍ଡିକୁଜିନ୍, ଲାକ୍ଟୋନ୍, ଲୁପାନୋନ୍, ଲୁପଲ ଏକିଟେଟ୍, ଲୁପଲ ଅକ୍ଟାକୁସୋନେଟ୍, ମେଡ୍ରିଡ୍ରେସ୍ମାଇନ୍, ପି-ମେଥୋକ୍ସି ସାଲିସାଇଲିକ୍ ଆଲ୍ହାଇଡ୍, ପ୍ରେଗ୍ନେନ୍ ଇଷ୍ଟର ଡିଗଲିକୋସାଇଡ୍, ଡିସିନାଇନ୍, ସାରସାପୋଜେନିନ୍, ସିଟୋଷ୍ଟେରୋଲ, ସ୍ମିଲାସିନ୍, ସ୍ମିଲ୍ଜେନିନ୍, ଷ୍ଟିଗ୍ମାଷ୍ଟେରୋଲ୍, ଟାନିନ୍, ଟ୍ରାଇଟରପେନୋଇଡ୍ ସାପୋନିନ୍ ଏବଂ ଭାନିଲିନ୍। ଏତଦ୍‌ବ୍ୟତୀତ ବହୁ ଅନ୍ତର୍ନିହିତ ସାଇକୋଆକ୍ଟିଭ ଯୌଗିକ ପଦାର୍ଥ ମଧ୍ୟ ଅଛି।

♠ **ଉଦ୍ଭିଦର ପ୍ରାକୃତିକ ଆବାସ :** ଏହି ଲତା ଲାଲ ମାଟି ଓ ପାହାଡ଼ିଆ କ୍ଷେତ୍ରରେ ବିଶେଷ ଭାବରେ ଦେଖାଯାଏ। ବିଶେଷତଃ ନଦୀ ଓ ଜଙ୍ଗଲ ସ୍ଥାନରେ ଦେଖାଯାଏ। ଏତଦ୍‌ବ୍ୟତୀତ ସାଧାରଣ ଜଙ୍ଗଲ, ପତିତ ଓ ଚାଷ ଜମିରେ ମଧ୍ୟ ଏହି ବୃକ୍ଷ ଦେଖିବାକୁ ମିଳେ। ଭାରତବର୍ଷର ସମସ୍ତ ରାଜ୍ୟରେ ଦେଖିବାକୁ ମିଳିଥାଏ। ଉପର ଗଙ୍ଗାର ସମତଳ ଅଞ୍ଚଳରୁ ଆସାମ ଏପରିକି ଭାରତର ପଶ୍ଚିମ, ଦକ୍ଷିଣ ଓ ମଧ୍ୟ ଭାରତରେ ଦେଖିବାକୁ ମିଳିଥାଏ। ପୃଥିବୀର ମାଲେସିଆ, ଇଣ୍ଡୋନେସିଆ ଓ ଶ୍ରୀଲଙ୍କାରେ ମଧ୍ୟ ପ୍ରଚୁର ପରିମାଣରେ ଦେଖିବାକୁ ମିଳିଥାଏ।

♠ **ସ୍ୱରୂପ ବା ପରିଚୟ :** ଏହା ଏକ ସରୁ, କ୍ଷୀରଯୁକ୍ତ, ବହୁ ବର୍ଷ ଜୀବିତ ରହୁଥିବା ଆରୋହୀ ଗୁଳ୍ମ। ଏହାର ଲମ୍ବ ୫-୧୫ ଫୁଟ ପର୍ଯ୍ୟନ୍ତ ହୋଇଥାଏ। ଏହାର ପ୍ରତ୍ୟେକ ଗଣ୍ଠିର ଦୁଇପଟରୁ ଦୁଇଟି ପତ୍ର ବିପରୀତ ଦିଗକୁ ବାହାରିଥାଏ। ପତ୍ରଗୁଡ଼ିକ ଲମ୍ବ ୧-୪ ଇଂଚ ଏବଂ ଓସାର ୦.୨୫ - ୧.୫ ଇଂଚ। ପତ୍ରଗୁଡ଼ିକ ଦେଖିବାକୁ ଖୁବ୍ ସୁନ୍ଦର, ଗାଢ଼ ସବୁଜ ରଙ୍ଗ ବିଶିଷ୍ଟ ଓ ବର୍ଷସାରା ସବୁଜ ରହିଥାଏ। ପତ୍ରର ଉପର ପୃଷ୍ଠର ମଝି ଅଂଶରେ ରେଖାଙ୍କିତ ଧଳା ରଙ୍ଗର ଦାଗ ଥାଏ। କାଣ୍ଡ ଶ୍ୱେତାଭ।





କାଣ୍ଡ ଅନେକ କୋଣୀୟ କିନ୍ତୁ ପର୍ବତ ସ୍ଥାନରେ ସ୍ଥୁଳ ହୋଇଥାଏ।

ଫୁଲ ଗୁଡ଼ିକ ଛୋଟ ଛୋଟ ସବୁଜ ରଙ୍ଗର। ଭିତର ବାଇଗଣୀ ରଙ୍ଗର। ସେଥିରୁ ଚନ୍ଦନପରି ଗନ୍ଧ ବାହାରେ। ଆଷାଢ଼ ଓ ଶ୍ରାବଣ ମାସରେ ଫୁଲ ହୁଏ। ଫୁଲରେ ୫ଟି ପାଖୁଡ଼ା ଥାଏ।

ଫଳଗୁଡ଼ିକ ୧୦ -୧୫ ସେଣ୍ଟିମିଟର ଲମ୍ବ ହୋଇଥାଏ। ଏହା ମଧ୍ୟ ସବୁଜ ରଙ୍ଗର। ଅଗ୍ରଭାଗ ଗୋଜିଆ। ଫଳଗୁଡ଼ଇକ ପତଳା, ଶୃଙ୍ଗାକାର, ୪-୫ ଇଂଚ ଲମ୍ବ ବିଶିଷ୍ଟ।

ମଞ୍ଜିଗୁଡ଼ିକ ଚେପଟା, ଛୋଟ ଏବଂ କଳା ରଙ୍ଗର। ମଞ୍ଜିରେ ଲୋମ ତାଏ। ଏଣୁ, ମଞ୍ଜିଗୁଡ଼ିକ ପାକଳ ହେଲାପରେ ପବନ ଯୋଗୁଁ ଉଡ଼େ।

ଗଛରୁ ଧଳା ରଙ୍ଗର କ୍ଷୀର ବାହାରିତାଏ।

ଗଛର ମୂଳ ଅତ୍ୟନ୍ତ ସୁଗନ୍ଧ ଯୁକ୍ତ । ଏହି ମୂଳ ହିଁ ଗଛର ମୁଖ୍ୟ ଅଙ୍ଗ । ମୂଳ ସ୍ଥୁଳ ଏବଂ ଆଦ୍ର । ମୂଳରୁ କର୍ପୂର ମିଶ୍ରିତ ଚନ୍ଦନ ଗନ୍ଧ ନିର୍ଗତ ହୋଇଥାଏ । ମୂଳ ହପରିଭାଗର ଛେଲି ଇଷତ ବାଦାମୀ ରଙ୍ଗର । ସ୍ୱାଦ ମିଠାଳିଆ । କଞ୍ଚା ଚେରକୁ କାଟିଲେ ବା ଭାଙ୍ଗିଲେ କ୍ଷୀର ବାହାରେ । ଅନନ୍ତ ମୂଳର ଚେର ଦୀର୍ଘତା ଯୋଗୁଁ ତା'ର ଲମ୍ବ ମାପ କରିବା ସମ୍ଭବ ହୋଇନାହିଁ (Endless root) ।

ଅନନ୍ତ ମୂଳ ଶ୍ୱେତ ଏବଂ କୃଷ୍ଣ ଦୁଇ ପ୍ରକାରର ଦେଖିବାକୁ ମିଳେ । ବନସ୍ପତିବିତ୍‌ମାନଙ୍କ ମତରେ ଏହାର ଗୁଣ ଏକ ପ୍ରକାରର । ହେଲେ, ଚିକିତ୍ସକମାନେ ଧଳା ଅନନ୍ତମୂଳକୁ ବିଶେଷଭାବରେ ବ୍ୟବହାର କରିଥାନ୍ତି । ଅନନ୍ତମୂଳକୁ ତଟକା ପ୍ରୟୋଗ କଲେ ସର୍ବାଧିକ ଲାଭମିଳେ ।

♠ **ପୁଷ୍ପସଂକ୍ରାନ୍ତ ବିଶେଷ ଗୁଣ :**





♠ **ବଂଶ ବିସ୍ତାର :** ମଞ୍ଜିମାଧ୍ୟମରେ ବା ଗୁଳ୍ମ ଓ ଲତାମାନଙ୍କ ଭଳି ପ୍ରାକୃତିକ ପ୍ରଣାଳୀରେ ।

♠ **ରୋଗ ଏବଂ ରୋଗ ଉପଶମପାଇଁ ଔଷଧୀୟ ପ୍ରୟୋଗ :** ଏହି ଗୁଳ୍ମର ଔଷଧୀୟ ବ୍ୟବହାର ବ୍ୟତୀତ ଏହାକୁ ସୁସ୍ୱାଦୁ ପାନୀୟ ରୂପେ ମଧ୍ୟ ବ୍ୟବହାର କରାଯାଇଥାଏ । ଅନନ୍ତମୂଳକୁ "ଇଣ୍ଡିଆନ ଫାମୋକୋପିୟା" ମାନ୍ୟତାପ୍ରାପ୍ତ ଔଷଧ ଗୁଡ଼ିକରେ ଗଣାଯାଇଥାଏ । ଏହା ଏକ ବିଶୁଦ୍ଧ ରକ୍ତଶୋଧକ ଔଷଧ । ଏହା ମଧ୍ୟ ସ୍ୱେଦଜନକ ଏବଂ ମୂତ୍ରପ୍ରବାହୀ । ଏଣୁ ଏହାକୁ କୁପୋଷଣଜନିତ ଶୋଥ, ଫୁଲା, ପୁରୁଣା ଗଣ୍ଠିବାତ, ପରିସ୍ରା ସଂପର୍କୀୟ ରୋଗ,

କୁଷ୍ଠ ଏବଂ ଚର୍ମରୋଗ ଏପରିକି ଭାଇରସ୍ ଦ୍ୱାରା ସୃଷ୍ଟ କଷ୍ଟଦାୟକ ଫଟକା ପରି ଉଠିଥିବା ରୋଗ (ବୁଢ଼ୀଆଣୀ ମୂଣ ବା ହର୍ପିସ୍)ରେ ମଧଞ୍ଜ ବ୍ୟବହାର କରାଯାଏ। ଉପଦଂଶନାମକ ବ୍ୟାଧିରେ ମଧ୍ୟ ଏହା ବ୍ୟବହାର କରାଯାଇଥାଏ। ଏହାର ବ୍ୟବହାର ଯୋଗୁଁ ଶରୀର ଦୁର୍ଗନ୍ଧ ନାଶ ଏବଂ ସମସ୍ତ ଶରୀରରେ ରକ୍ତ ପ୍ରବାହ ବୃଦ୍ଧି ହୋଇଥାଏ। ମୂତ୍ରାଶୟ ମାର୍ଗରେ ହେଉଥିବା ଜ୍ୱଳନକୁ ଏହା ପ୍ରତିହତ କରିଥାଏ। ରକ୍ତ ଓ ପିତ୍ତ ନାଶକ ହୋଇଥାଏ। ଜରାଗ୍ରସ୍ତ ଇନ୍ଦ୍ରିୟ ନବଶକ୍ତି ପ୍ରାପ୍ତ ହୋଇଥାଏ। ଏହା ତ୍ରିଦୋଷ ବିନାଶକ ହୋଇଥିବରୁ ବାତ, ପିତ୍ତ ଓ କଫ, ଯେ କୌଣସି ପ୍ରକାର ଜ୍ୱର ପ୍ରଧାନ ରୋଗର ନିବାରଣ ଏବଂ ଜୀବନ ଶକ୍ତି ବୃଦ୍ଧି କରିବାପାଇଁ ମଧ୍ୟ ପ୍ରୟୋଗ କରାଯାଏ। ଗାଢ଼ ଓ ସୁନିଦ୍ରା ପାଇଁ ଏ ଗୁଳ୍ମ ସୁପରିଚିତ। ଏହି ଗୁଳ୍ମର ବ୍ୟବହାର ଦ୍ୱାରା ପୁରୁଷମାନଙ୍କର ନପୁଂସକତା ନିବାରଣ ହୁଏ। Testamon level ରେ ଉନ୍ନତି ହୋଇଥାଏ। Sexual desire,sperm count and overall sexual performance ଉତ୍ତମ ହୋଇଥାଏ। ଗୁଳ୍ମର ଶୁଖାଯାଇଥିବା ମୂଳ ଚୂର୍ଣ୍ଣ କିମ୍ବା ଏହାର ଅର୍କ ବହଳିଆ ପାନୀୟ ଭାବରେ ବ୍ୟବହାର ହୋଇଥାଏ। ଦକ୍ଷିଣ ଭାରତରେ ଅନନ୍ତମୂଳର ମୂଳକୁ ବତୁରାଇ ମିଳୁଥିବା ରସକୁ ନେଇ ସୁସ୍ୱାଦୁ ପାନୀୟ (ସରବତ) ଭାବରେ ବ୍ୟବହାର ହୋଇଥାଏ। ଏଥିରେ ଶୀତଳୀକରଣ ଶକ୍ତି ରହିଅଛି। ଏହି ଗୁଳ୍ମଟି ଆୟୁର୍ବେଦରେ ରସାୟନ ଉଦ୍ଭିଦ ଭାବରେ ଗ୍ରହଣ କରାଯାଇଥାଏ। କାରଣ ଏହି ଗୁଳ୍ମଦ୍ୱାରା ମନୁଷ୍ୟ ଶରୀରରେ ତନ୍ତୁ ଗଠନ, ଶକ୍ତି ସଂଚୟନ ପ୍ରକ୍ରିୟା ହୋଇପାରିଥାଏ। ବେଳେବେଳେ ଆୟୁର୍ବେଦର ଅନ୍ୟଏକ ଉଦ୍ଭିଦ ଯାହାର ନାମ "ଶାରିବା"(ଯାହା ନରମ କାଣ୍ଡ ଓ ଫୁଲ ହେଲାପରେ ମରିଯାଏ) ସହ ବାଉଳା ହୋଇଥାଏ।

ଆୟୁର୍ବେଦିକ ବୈଦ୍ୟମାନେ ଏହାକୁ "ସୁଗନ୍ଧି" ନାମରେ ବ୍ୟବହାର କରିଥାନ୍ତି।

♠♠♠





# ଅଶୋକ

*Saraca asoca*



ବନସ୍ପତି (ବୈଷୟିକ) ନାମ

**ସାରକା ଅଶୋକା**

ଉଦ୍ଭିଦ ଜଗତ ପରିବାର

**ସିଜଲପିନିଏସି (Caesalpiniaceae)**

♠ **ବନସ୍ପତି (ବୈଷୟିକ) ନାମ :** ସାରକା ଅଶୋକା *(Saraca asoca)*

♠ **ଉଦ୍ଭିଦ ଜଗତ ପରିବାର :** ସିଜଲପିନିଏସି *(Caesalpiniaceae)*

♠ **ଇଂରାଜୀରେ ନାମ :** ଅଶୋକ ଟ୍ରୀ ।

♠ **ସଂସ୍କୃତରେ ନାମ :** ଅଶୋକ, କଙ୍କେଲୀ, ବିଚିତ୍ର, ଗନ୍ଧପୁଷ୍ପ, ହେମପୁଷ୍ପ, ତାମ୍ରପଲ୍ଲବ, ରାଗିତରୁ, ଦୋଷହାରୀ, ନଟ, ସ୍ମରାଦିବାସ, ପିଣ୍ଡିପୁଷ୍ପ, ଅପଶୋକ, କର୍ଣ୍ଣପୂରକ, ସୁଭଗ, ରକ୍ତପଲ୍ଲବ, ରକ୍ତକ, ବିଟଷକ, ବଞ୍ଜୁଲଦ୍ରୁମ, ବିଶୋକ, ରାମା, ମଧୁପୁଷ୍ପ, ଶୋକନାଶ, ଷତପଡ଼ମଞ୍ଜରୀ ।

♠ **ଓଡ଼ିଆରେ ନାମ :** ଅଶୋକ, ସମ୍ବଲପୁରୀ ଭାଷାରେ ଆଶୋକ ।





♠ **ଭାରତର ବିଭନ୍ନ ରାଜ୍ୟ ଓ ଅଞ୍ଚଳରେ ନାମ :** ହିନ୍ଦୀ – ଅଶୋକ, ଅଶୋକା, ବନ୍ଦିଚିତ୍ର, କନ୍ନଡ଼ – ଆଶେକାଡ଼, ଅଶୋକାଡ଼ା, କେଙ୍ଗଲିମାର, ଅକ୍ଶୁନକାରା, କାଙ୍କ, ଆଶୋକଡ଼ାମରା, ଆଚେଙ୍ଗେ, ଅକ୍ସ, ଆଶାଙ୍କେ, ତାମିଲ୍ – ଆଶୋଗମ୍, ଆଶୋଗୁ, ଅଶୋକାମ୍, ତେଲଗୁ- ଅଶୋକାନୁ, ଅଶୋକାମୁ, ଭଞ୍ଜାଲୁମୁ, ଅଶୋକ, ମାଲାୟାଲମ୍ – ଅଶୋକମ୍, ଅଶୋକା, ଗାଟଅଶୋକା, ହେମପୁଷ୍ପମ୍, ବେଙ୍ଗଲୀ – ଆଙ୍ଗନପ୍ରିୟା, ଅଶୋକା, ଅଶୋକ, ଗୁଜୁରାଟୀ – ଅଶୋପାଲା, ଅଶୋପଲ୍ଲଭ, ମରାଠୀ – ଅଶୋକ, ଜାସୁଣ୍ଡି, ପଞ୍ଜାବୀ – ଆଶୋକ, ଆସାମୀ – ଅଶୋକା ।

♠ **ଆୟୁର୍ବେଦିକ ଏକାର୍ଥ-ବାଚକ ଶବ୍ଦ :** ଗନ୍ଧପୁଷ୍ପ, ତାମ୍ରପଲ୍ଲବ, ଭଞ୍ଜୁଲା, କାଙ୍କେଲୀ, ହେମପୁଷ୍ପ, ଆଙ୍ଗନପ୍ରିୟା, ନଟ, ଗଳିପୁଷ୍ପ, ପିଣ୍ଡପୁଷ୍ପ ।

**♠ ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

| | |
|---|---|
| ଗୁଣ - ଲଘୁ, ରୁକ୍ଷ | ବିପାକ - କଟୁ |
| ରସ - କଷାୟ, ତିକ୍ତ | ବୀର୍ଯ୍ୟ - ଶୀତ। |

ଏହା କଫ ପିତଶାମକ, ମଳରୋଧକ ଏବଂ ଶୂଳ, ଗୁଲ୍ମ, ଉଦରାଧ୍ମାନ, କୃମି, ଅପଚି, ପିପାସା, ଦାହ, ଶୋଥ,ବିଷଦୋଷ ଓ ପ୍ରଦର ରୋଗ ବିନାଶକ। ଏହା ଗର୍ଭାଶୟରେ ଶୈଥିଲ୍ୟ, ପୀଡ଼ା ତଥା ସ୍ରାବକୁ ଦୂରକରେ। ଗର୍ଭାଶୟକୁ ଉତ୍ତେଜିତ କରେ ତଥା ଏହାର ସଂକୋଚନକୁ ବଢ଼ାଇବା ଫଳରେ ଗର୍ଭାଶୟର କ୍ରିୟା ଠିକ୍ ହେବା ସହ ଅଧିକ ରକ୍ତସ୍ରାବ ହୁଏନାହିଁ। ଗର୍ଭାଶୟ ଅନ୍ତଃକଳା ତଥା ବୀଜକୋଷ (ovary) ଉପରେ ମଧ୍ୟ ଏହାର ଉତ୍ତେଜକ ପ୍ରବାଭ ରହିଛି।

**♠ ବାଣିଜ୍ୟିକ ନାମ :** ଅଶୋକ

**♠ ବ୍ୟବହୃତ ଅଂଶ :** ଛାଲି, ପତ୍ର, ଫୁଲ, କଢ଼ି, ଫଳ ଓ ମଂଜି।







**♠ ରାସାୟନିକ ସଂଗଠନ :** ଏହି ଗୁଳ୍ମର ବକ୍କଳ ବା ଛେଲିକୁ ବୈଜ୍ଞାନିକ ପଦ୍ଧତିରେ ଏହି ଯୌଗିକ ପଦାର୍ଥକୁ ପୃଥକ ବା ଅଲଗା କରି ୨୪ - ମିଥାଇଲକୋଲେଷ୍ଟ - ୫ - ୩ n - ୩ B - ol, ୨୪ - ଇଥିକୋଲେଷ୍ଟା - ୫, ୨୨ - dien - ୩ B - ol ଏବଂ ୨୪ - ଇଥୋକୋଲେଷ୍ଟ - ୫en - ୩ B - ol ମିଳିପାରିବ। ଶୁଷ୍କ ବକଳକୁ ନେଇ ଚାପ ପ୍ରୟୋଗ ବା ପାତନ ପ୍ରଣାଳୀରେ ପରୀକ୍ଷା କରିବା ପରେ ଜଣାଯାଇଛି ଯେ ବକଳରେ ପେଟ୍ରୋଲିୟମ୍ ଇଥର - ୦.୩୦୭%, ଇଥର - ୦.୨୩୫% ଏବଂ ଆଲ୍‌କୋହଲିକ୍ - ୧୪.୨% ରହିଛି। ଚାପ ଓ ପାତନ ପ୍ରକ୍ରିୟାରେ ମିଳିଥିବା ଆଲ୍‌ହଲିକ୍ ପଦାର୍ଥ ଜଳରେ ଦ୍ରବଣୀୟ ଏବଂ ଏଥିରେ ଅଳ୍ପ ପରିମାଣର ଟ୍ୟାନିନ୍ ଏବଂ ଲୌହ ଅଂଶ ଥିବାର ଜଣାପଡ଼ିଛି, କିନ୍ତୁ କୌଣସି ଆଲ୍‌କାଲଏଡ୍ ଏବଂ ଦରକାରୀ ତୈଳ ଥିବାର ସୂଚନା ନାହିଁ। ମୋଟାମୋଟି ଭାବରେ ବକଳରେ ଟ୍ୟାନିନ୍ ଏବଂ କାଟାଚିନ୍ ରହିଅଛି। ବକଳ ବା ଛେଲିରୁ ମିଳୁଥିବା ମହମକୁ ମଧ୍ୟ ବୈଜ୍ଞାନିକ ପ୍ରଣାଳୀରେ ପୃଥକ କରି .. ଆଲ୍‌କେନସ୍, ପାଲମିଟିକ, ଷ୍ଟିରାଏକ୍ ନାମକ ପଦାର୍ଥ ମିଳିପାରିବ।



ସେହି ଫୁଲରୁ ଲିନୋଲିକ ଏସିଡ଼ ମିଳିପାରିବ। ଫୁଲରେ ମଧ୍ୟ B ଶିଟୋଷ୍ଟେରୋଲ୍, କୁଏରସେଟିନ, କେୟୁମପଫେରୋଲ କୁଏରସେଟିନ ନାମକ ପଦାର୍ଥମାନ ମିଳିଛି।

ଉଦ୍ଭିଦ କାଣ୍ଡରେ ଥିବା ବକଳକୁ ନେଇ ଚାପ ପ୍ରୟୋଗ ଏବଂ ପାତନ ପ୍ରଣାଳୀରେ ପରୀକ୍ଷା କରିବା ପରେ ଜଣାଯାଇଛି ଯେ ଲିଉକୋପେଲାର - ଗୋନିଡ଼ିନ - ୩ - ୦ - B - D - ଗ୍ଲୁକୋସାଇଡ଼, ଲିଉକୋପେଲାର ଗୋନିଡ଼ିନ ଏବଂ ଲିଉକୋସିନିଡ଼ିନ ସହ B - ସିଟୋଷ୍ଟେରୋଲ ମଧ୍ୟ ମିଳିଛି।



**ଉଦ୍ଭିଦର ପ୍ରାକୃତିକ ଆବାସ :** ଏହା ସମୁଦ୍ର ପତ୍ତନଠାରୁ ୭୫୦ ମିଟର ଉଚ୍ଚତାରେ ମଧ୍ୟରେ ଥିବା ଚିରହରିତ ଜଙ୍ଗଲରେ ଦେଖିବାକୁ ମିଳେ। ଏହା ଛାଇ ଓ ଆଦ୍ରତା ଥିବା ଯାଗାରେ ଏହା ଭଲ ବଢ଼ିଥାଏ। ଚାଷ ମାଧ୍ୟମରେ ମଧ୍ୟ ଏହି ଗଛ ଉତ୍ପନ୍ନ କରାଯାଇପାରେ। ଓଡ଼ିଶାର କେଉଁଝର ବନଖଣ୍ଡର ବୋଲାହ ରିଜର୍ଭ ଜଙ୍ଗଲ, ମୟୂରଭଞ୍ଜ ଜିଲ୍ଲା, ଅନୁଗୁଳ ବନଖଣ୍ଡର ଅରାଙ୍ଗ ରିଜର୍ଭ ଜଙ୍ଗଲ, ଢେଙ୍କାନାଳ ଜିଲ୍ଲା, ପୁରୀ ବନାଞ୍ଚଳର ଦକ୍ଷିଣାଞ୍ଚଳରେ ଅଶୋକ ବୃକ୍ଷ ଦେଖିବାକୁ ମିଳେ।

ଭାରତ ବର୍ଷର ପଶ୍ଚିମବଙ୍ଗର ପୂର୍ବାଞ୍ଚଳ, ଦକ୍ଷିଣ ଭାରତ ଏବଂ ଉତ୍ତର ପ୍ରଦେଶର କୁମାୟୁନ ଅଞ୍ଚଳରେ କେନ୍ଦ୍ରୀୟ ଓ ପୂର୍ବ ହିମାଳୟର ପାଦଦେଶରେ ଏହି ବୃକ୍ଷ ମଧ୍ୟ ଦେଖିବାକୁ ମିଳେ। ବର୍ମା ଦେଶରେ ଏହି ବୃକ୍ଷ ମଧ୍ୟ ଦେଖାଯାଏ।

**ସ୍ୱରୂପ ବା ପରିଚୟ :** ଅଶୋକ ବୃକ୍ଷ ଗୋଟିଏ ମଧ୍ୟମ ଧରଣର ଚିର ସବୁଜ ବୃକ୍ଷ। ଭାରତର କେତେକ ଉଦ୍ୟାନମାନଙ୍କରେ ଏହା ଚାଷ ହୋଇଥାଏ। ଏହି ବୃକ୍ଷ ଉଚ୍ଚତା ପ୍ରାୟ ୯ - ୧୨ ମିଟର ପର୍ଯ୍ୟନ୍ତ ହୋଇଥାଏ।

ଏହି ବୃକ୍ଷର ଶାଖା ଗୁଡ଼ିକ ବହୁଶାଖା ବିଶିଷ୍ଟ ଓ ଶାଖାଗୁଡ଼ିକ ଆମ୍ବ ଗଛ ପରି ବହଳିଆ ଏବଂ ଉଭୟ ପାର୍ଶ୍ୱରୁ ବାହାରି ତଳକୁ ଓହଳି ଆସିଥାଏ।

ବୃକ୍ଷଟି ସବୁଜ ଓ ଘନ ପତ୍ରରେ ପରିପୂର୍ଣ୍ଣ। ଗଛର କାଣ୍ଡକୁ ଖଣ୍ଡିଆ କଲେ ଧଳା କ୍ଷୀର ବାହାରେ ଓ ସଂଗେ ସଂଗେ ବାୟୁ ସଂସ୍ପର୍ଶରେ ଆସିଲେ ଶୁଖି ଲାଲ ହୋଇଯାଏ। ପତ୍ରଗୁଡ଼ିକ କଅଁଳ ଅବସ୍ଥାରେ ଆମ୍ବପତ୍ର ସଦୃଶ୍ୟ କିନ୍ତୁ ଲାଲ ଏବଂ ଧୂସର ରଙ୍ଗର ହୋଇଥାଏ। ପତ୍ରଗୁଡ଼ିକର ଲମ୍ବ ୩୦ - ୬୦ ସେ.ମି. ପର୍ଯ୍ୟନ୍ତ ହୋଇଥାଏ।

The bark is dark brown to grey or black with warty surface, fresh cut and sharp pale yellowish red.

ଫୁଲଗୁଡ଼ିକ ପେନ୍ଥି ପେନ୍ଥି ବା ଗୁଚ୍ଛ ଆକାରରେ କମଳା ରଙ୍ଗର ଏବଂ ବେଳେବେଳେ ହଳଦିଆ ଓ କମଳା ରଙ୍ଗର ମିଶ୍ରିତ ରଙ୍ଗ ଧାରଣ କରିଥାଏ। ଫୁଲଗୁଡ଼ିକ ସୁଗନ୍ଧଯୁକ୍ତ। ବସନ୍ତ ଋତୁରେ ଫୁଲ ଫୁଟିଥାଏ। ବେଳେବେଳେ

ମାର୍ଚ୍ଚ ଓ ଏପ୍ରିଲ ମାସକୁ ଫୁଲ ଫୁଟିଥାଏ।

ଫଳଗୁଡ଼ିକ କଳା, ଚେପଟା ଓ ଶିମ୍ବ ଆକାରର। ୨୫ – ୨୫.୫ ସେ.ମି. ଲମ୍ବ ଓ ପ୍ରାୟ ୫ ସେ.ମି. ଚଉଡ଼ା ହୋଇଥାଏ ଏବଂ ତା'ର ଦୁଇ ମୁଣ୍ଡ ବକ୍ର ହୋଇଥାଏ।

ଫଳ ଭିତରେ ମଞ୍ଜିଥାଏ। ପ୍ରତ୍ୟେକ ଫଳରେ ୪–୧୦ ସଂଖ୍ୟାରେ ମଞ୍ଜି ଦେଖିବାକୁ ମିଳେ। ମଞ୍ଜିଗୁଡ଼ିକ ellespsoid, ଅଣ୍ଡାକାର ଏବଂ ସଂକୁଚିତ।

ଶରତ ଋତୁରେ ଫଳ ହୁଏ କିନ୍ତୁ ବେଳେବେଳେ ଫଳ ହେଲାବେଳକୁ ସେପ୍ଟେମ୍ବର ମାସ ହୋଇଥାଏ।

ଔଷଧ ରୂପରେ ବୃକ୍ଷର ଛାଲି, ମଞ୍ଜି ଓ ଫୁଲକୁ ବ୍ୟବହାର କରାଯାଇଥାଏ। ଅସଲ ଅଶୋକର ଛାଲିର ବାହାର ଅଂଶ ଧୂସର କିନ୍ତୁ ଡାଳ କିଟିଲେ ଭିତର ପଟ ରକ୍ତ ବର୍ଣ୍ଣର ହୋଇଥାଏ ଓ ହାତରେ ଲାଗେ। ଏହାର ସ୍ୱାଦ ତିକ୍ତ ଅଟେ। ଔଷଧୀୟ ଆବଶ୍ୟକତାକୁ ପୂରଣପାଇଁ ଆଶୋକ ଗଛର ଛାଲି ପୌଷ ଓ ମାଘ ମାସରେ ସଂଗ୍ରହ କରାଯାଇଥାଏ। ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଶୁଷ୍କ ଅଙ୍ଗର ଚୂର୍ଣ୍ଣକୁ ବ୍ୟବହାର କରାଯାଇଥାଏ।

ପ୍ରକାର ଭେଦରେ ଅଶୋକ ୪ ପ୍ରକାର ଦେଖାଯାଏ। ସେଗୁଡ଼ିକ ହେଲା – (୧) ରକ୍ତ, (୨) ପିତାଭ, (୩) ଶ୍ୱେତ, (୪) ସବୁଜ। ରକ୍ତବର୍ଣ୍ଣର ଅଶୋକ ସର୍ବୋତ୍କୃଷ୍ଟ ଅଟେ। ଅଶୋକ ବୃକ୍ଷର ସାଂସ୍କୃତିକ ବିଶେଷତ୍ୱ ଏବଂ ମହନୀୟ ଔଷଧୀୟ ଗୁଣଯୋଗୁଁ ଏହାର ଫୁଲକୁ ଆମ ରାଜ୍ୟରେ "ରାଜ୍ୟଫୁଲ" ଭାବରେ ମାନ୍ୟତା ଦିଆଯାଇଛି।

- **ପୁଷ୍ପ ସଂକ୍ରାନ୍ତ ବିଶେଷ ଗୁଣ :**
- **ବଂଶ ବିସ୍ତାର :** ମଞ୍ଜି ମାଧ୍ୟମରେ ଏହାର ପ୍ରଜନନ ହୋଇଥାଏ।
- **ରୋଗ ଏବଂ ରୋଗ ଉପଶମପାଇଁ ଔଷଧୀୟ ପ୍ରୟୋଗ :**





# ଅର୍ଜ୍ଜୁନ

*Terminalia arjuna*



ବନସ୍ପତି (ବୈଷୟିକ) ନାମ

**ଟର୍ମିନାଲିଆ ଅର୍ଜ୍ଜୁନ**

ଉଦ୍ଭିଦ ଜଗତ ପରିବାର

**କମ୍ବେରେଟାସି (Combretaceae)**



♠ **ବନସ୍ପତି (ବୈଷୟିକ) ନାମ :** ଟର୍ମିନାଲିଆ ଅର୍ଜୁନ *(Terminalia arjuna )*

♠ **ଉଦ୍ଭିଦ ଜଗତ ପରିବାର :** କମ୍ବ୍ରେଟାସି *(Combretaceae)*

♠ **ଇଂରାଜୀରେ ନାମ :** ଅର୍ଜୁନ, ଅର୍ଜୁନ ଟ୍ରୀ, ମାୟୁରବୋଲାନ, ହ୍ୱାଇଟ୍ ମାରୁଧା ।

♠ **ସଂସ୍କୃତରେ ନାମ :** ଅର୍ଜୁନ, କୁକୁଭ, ଧବଳା, ଗୌର, ବୀରବୃକ୍ଷ, ପାର୍ଥ, ଇନ୍ଦ୍ରଦ୍ରୁ, ନଦୀସର୍ଜ, ମହୀସହ, କର୍ଣ୍ଣାରି, ଦଟହଟଦ୍ରୁ, ମଧୁରତ୍ୱକ୍, ସବ୍ୟସାଚୀ, ଶୁକ୍ଳବୃକ୍ଷ, ପାଣ୍ଡୁତରୁ, ଶକଟ, ନଣ୍ଡିତରୁ, ଧୁରନ୍ଧର, କଷାୟ, ଧନଞ୍ଜୟ, ଇନ୍ଦ୍ରଶୁକ, ପାଣ୍ଡବ, ଗାଣ୍ଡୀବୀ, କୃଷ୍ଣସାରଥୀ, ପୃଥାଜ, ମହୀରୁହ ।

♠ **ଓଡ଼ିଆ ନାମ :** ଅର୍ଜୁନ ।

♠ **ଭାରତର ବିଭିନ୍ନ ରାଜ୍ୟ ଓ ଅଞ୍ଚଳରେ ନାମ :** ହିନ୍ଦୀ – ଅର୍ଜୁନ, କାହୁ, କହୁଆ, କନ୍ନଡ଼ – ମାଡ଼ି, ଭଇଦରୟା, ମାଲୟଲମମ୍ – ନୀର ମାରୁତୁ, ଭେଲ୍ମାରୁତୁ, ଆଟୁମାରୁତୁ, ମାରୁତୁ, କୁଳାମଟି, ତାମିଲ – ମାରୁଧାମରମ, ଅଟାମାରୁତୁ, ନୀରମାରୁତୁ, ଭିଲାଇମାରୁତୁ, ମାରୁତୁ, ଭେଲାମାରତା, ଭିଲାଇମାରୁତା, ମରମ, ମରାଠୁ, ତେଲୁଗୁ – ଇରାମାତି, ଇରାମାଠି, ମାଓଚେଟ୍ଟୁ, ବେଙ୍ଗଲି – ଅର୍ଜୁନ, ଗୁଜୁରାଟି – ସଜାଦନ, ସାଡ଼ାଡ଼ୋ ।

♠ **ଆୟୁର୍ବେଦିକ ଏକାର୍ଥ-ବାଚକ ଶବ୍ଦ :** ଧବଳା, କାକୁଭା, ନଦୀସରଜା, ପାର୍ଥ, ଇନ୍ଦ୍ରଦ୍ରୁ ଓ ବୀରଭକ୍ଷା ।

♠ **ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

| | |
|---|---|
| ଗୁଣ - ଲଘୁ, ରୁକ୍ଷ | ବିପାକ – କଟୁ |
| ରସ - କଷାୟ | ବୀର୍ଯ୍ୟ – ଶୀତ । |



♠ **ଦୋଷକର୍ମ :** ଏହା କଫ, ପିତଶାମକ । ହୃଦୟଗ୍ରାହୀ ଓ ବ୍ରଣ, କ୍ଷତ, ବିଷ, ରକ୍ତଦୋଷ, ପ୍ରମେହ, ମେଦଦୋଷ ଓ ଦାନ୍ତରୋଗନାଶକ ଅଟେ ।

ହୃଦୟ ଉପରେ ଏହାର ସୁପ୍ରଭାବ ରହିଛି । ହୃତ୍‌ପେଶୀକୁ ଶକ୍ତି ଯୋଗାଇବା, ହୃତ୍‌ସ୍ପନ୍ଦନକୁ ନିୟମିତ କରିବା, ସୂକ୍ଷ୍ମରକ୍ତବାହିନୀ ସଂକୋଚନ ଓ ରକ୍ତସ୍ତମ୍ଭନ କରାଇବା ଏହାର ମଧ୍ୟ କାର୍ଯ୍ୟ ଅଟେ ।

♠ **ବାଣିଜ୍ୟିକ ନାମ :** ଅର୍ଜୁନ ।

♠ **ବ୍ୟବହୃତ ଅଂଶ :** ଛାଲି ।

♠ **ରାସାୟନିକ ସଂଗଠନ :** ଅର୍ଜୁନଲିକ୍ ଏସିଡ୍, ଟମୋନ୍‌ଷ୍ଟାଜିକ୍ ଏସିଡ୍ "ବି-ସିଟୋଷ୍ଟିରାଲ, ଇଲାଜିକ୍ ଏସିଡ୍, ସାପୋନିନ୍ ଏବଂ ଲିକୋଠେଲୋଫେନିନଡ଼ିନ ଇତ୍ୟାଦି ରାସାୟନିକ ପଦାର୍ଥ ଥାଏ ।





କିନ୍ତୁ କେବଳ ଛାଲିରେ ସ୍ଫଟିକ ଯୌଗିକ ବସ୍ତୁ ଅର୍ଜୁନି, ଗୋଟିଏ ଲାଆକଟୋନ୍ , ଅର୍ଜୁନଟିନ୍, ଦରକାରୀ ତେଲ, ଟାନିନ୍ (୧୨%) ପାଇରୋକାଟାକଲ୍, ବହୁତ ପରିମାଣରେ କ୍ୟାଲିସିୟମ୍ ଲୁଣ, ସ୍ୱଳ୍ପ ପରିମାଣରେ ଆଲୁମିନିଅମ୍ ଓ ମ୍ୟାଗ୍ନେସିୟମର ଲୁଣ, କିଛି ଶର୍କରା ଏବଂ କିଛି ପରିମାଣରେ ରଙ୍ଗ ପଦାର୍ଥ ଥାଏ । ଏହି ଅଳ୍ପ ପରିମାଣରେ ରଙ୍ଗ ବ୍ୟତିତ ଟ୍ୟାନିନ୍ ଆଲକୋହଲ୍ ଦ୍ୱାରା ବାହାର କରି ମଧ୍ୟ ପ୍ରାପ୍ତ ହୋଇଥାଏ ।

ଏକ ଗବେଷଣାରୁ ଜଣାଯାଏ ଯେ ଗଛର ଚେରରେ ନିମ୍ନ ଲିଖିତ ପଦାର୍ଥ ଥାଏ -(୧) ଶର୍କରା, (୨) ଟ୍ୟାନିନ୍, (୩) ରଙ୍ଗ (colouring matter), (୪) ଗ୍ଲୁକୋସାଇଡ଼ ଏବଂ (୫) କାଲ୍‌ସିୟମ ଓ ସୋଡ଼ିଅମ୍‌ର କାର୍ବୋନେଟ୍ । ଏତଦ୍‌ବ୍ୟତୀତ କେତେକ ଆଲକଲି ଧାତୁର କ୍ଲୋରାଇଡ୍ ମଧ୍ୟ ମିଳିଥାଏ । ଟ୍ୟାନିନ୍ ପ୍ରାୟ ୧୨% ମିଳିଥାଏ ଏବଂ ପାଉଁଶ ପ୍ରାୟ ୩୦% ଥାଏ । ଏତଦ୍‌ବ୍ୟତୀତ



ଟେନିନ୍ ୨୦-୨୫%, କ୍ୟାଲସିୟମ ୩୩%, ମ୍ୟାଗନେସିୟମ ୦.୭୮% ଏବଂ ଆଲୁମିନିୟମ ୦.୦୭୬% ରହିଥାଏ। କିନ୍ତୁ ଫଳରେ ଅଧିକ ଟେନିନ ୭-୨୦% ଥାଏ।

♠ **ଉଦ୍ଭିଦର ପ୍ରାକୃତିକ ଆବାସ :** ସାଧାରଣ ଭାବେ ଏହା ପାହାଡ଼ିଆ କ୍ଷେତ୍ର, ନଦୀ ଓ ଝରଣା କୂଳ ଏବଂ ଶୁଖିଯାଇଥିବା ପାଣି ଧାରରେ ଦେଖାଯାଏ। ସାରା ଭାରତ ବର୍ଷରେ ଏହା ଦେଖାଯାଏ। ତେବେ, ହିମାଳୟ ତଳ ଅଞ୍ଚଳରେ ଓ ଉତ୍ତର ପ୍ରଦେଶ, ବିହାର, ବେଙ୍ଗଲ, ଛୋଟନାଗପୁର ଅଂଚଳରେ ପ୍ରଚୁର ପରିମାଣରେ ଓ ମଧ୍ୟ ତଥା ଦକ୍ଷିଣ ଭାରତରେ ଏହି ବୃକ୍ଷ ଦେଖିବାକୁ ମିଳେ। ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଏହା ବହୁଳ ପରିମାଣରେ ଦେଖାଯାଏ। ପୃଥିବୀର ଅନ୍ୟାନ୍ୟ ଦେଶ ଯଥା - ବର୍ମା ଓ ଶ୍ରୀଲଙ୍କାରେ ମଧ୍ୟ ଏହି ବୃକ୍ଷ ଅଛି।

♠ **ସ୍ୱରୂପ ବା ପରିଚୟ :** ଏହା ଏକ ବିରାଟକାୟ ଚିର ସବୁଜ ବୃକ୍ଷ। ଗଛର ଗଣ୍ଡି Buttressed ଥାଏ। ଗଛରେ ଶୀର୍ଷ ଚାରିପଟକୁ ବିସ୍ତାରିତ ଥାଏ ଏବଂ ଗଛର ଶାଖା ପ୍ରଶାଖା ତଳକୁ ଓହଳି ଥାନ୍ତି। ଏହା ପାହାଡ଼ିଆ କ୍ଷେତ୍ର ଓ ନାଳ ନଦୀ କୂଳରେ କିଛି କିଛି ସ୍ଥାନରେ ଦେଖାଯାଏ। ବେଳେବେଳେ ଉପତ୍ୟକାରେ ମଧ୍ୟ ଦେଖାଯାଏ।

ଏହାର ଉଚ୍ଚତା ୭୦ - ୮୦ ଫୁଟ ଓ ଗୋଲେଇ ୧୦ - ୨୦ ଫୁଟ ଯାଏଁ ହୋଇଥାଏ। ଏହା ଏକ ବିରାଟକାୟ ବୃକ୍ଷ। ଗଛର ବକଳ / ଛେଲି ବହୁତ ଚିକ୍କଣ, ବାହାର ପଟକୁ ଧୂସର ରଙ୍ଗ କିନ୍ତୁ ଭିତରକୁ ତାଜା ରଙ୍ଗ। ବର୍ଷକରେ ଥରେ ଏହି ଗଛର ଛେଲି ଆପେଆପେ ଗଛରୁ ଛାଡ଼ିଯାଏ ଓ ପୁଣି ନୂଆଛେଲି ହୋଇଥାଏ। କାଣ୍ଡ ସରଳ ଏବଂ କାଣ୍ଡତ୍ୱକ ବାହାରକୁ ଶ୍ୱେତ ଏବଂ ଚିକ୍କଣ ତଥା ଭିତରକୁ କୋମଳ ରକ୍ତବର୍ଣ୍ଣ ହୋଇଥାଏ। ପତ୍ରଗୁଡ଼ିକ ଆୟତକାର, ଲମ୍ବ ପ୍ରାୟ ୪-୬ ଇଂଚ ହୋଇଥାଏ। ଏକ ତୃତୀୟାଂଶ ଚୌଡ଼ା ଥାଏ। ପତ୍ରସବୁ simple, subopposite, oblong, coriaceous, crenulate, pale dull green above, କିନ୍ତୁ ତଳ ଅଂଶ ଫିକା ବାଦାମୀ ରଙ୍ଗର ହୋଇଥାଏ। ପତ୍ରାଧାର ପାର୍ଶ୍ୱରେ ବା ପତ୍ର ବୃନ୍ତରେ ଦୁଇଗୋଟି ଗ୍ରନ୍ଥି ରହିଥାଏ।

♠ **ପୁଷ୍ପ :** ବୈଶାଖ ଓ ଜ୍ୟେଷ୍ଠ ମାସରେ ଅର୍ଥାତ୍ ଇଂରାଜୀ ମାର୍ଚ୍ଚ ମାସରୁ ଜୁନ୍ ମାସ ମଧ୍ୟରେ ଫୁଲ ଆସିଥାଏ। ଫୁଲଗୁଡ଼ିକ ଛୋଟ ଆକରର, ଧଳାରଙ୍ଗର, ବେଳେବେଳେ ଈଷତ୍ ହଳଦିଆ ରଙ୍ଗ ହୋଇଥାଏ। 15 mm across in shortly pointed spikes.



ଏହି ଗଛର ଫଳର ରଙ୍ଗ ଧଳା । ଶୀତଦିନେ ଅର୍ଥାତ୍ ଅକ୍ଟୋବରରୁ ଡିସେମ୍ବର ମାସ ମଧ୍ୟରେ ଫଳ ଧରିଥାଏ । ଫଳ ଗୁଡ଼ିକର ଆକାର କରମଙ୍ଗା ପରି କିନ୍ତୁ ଛୋଟଆକାରର ହୋଇଥାଏ । ଲମ୍ବ ୨.୫ ରୁ ୩.୭ ସେଣ୍ଟିମିଟର ଓ ପାଞ୍ଚ ପାର୍ଶ୍ୱ ବିଶିଷ୍ଟ ।

♠ **ପୁଷ୍ପ ସଂକ୍ରାନ୍ତ ବିଶେଷ ଗୁଣ :**

♠ **ବଂଶ ବିସ୍ତାର :** ଏହାର ଫଳକୁ ଖରାରେ ଶୁଖାଇ ୬ ମାସରୁ ୧୨ ମାସ ପର୍ଯ୍ୟନ୍ତ ଗଚ୍ଛିତ ରଖାଯାଏ । ପରବର୍ତ୍ତି ଅବସ୍ଥାରେ ବୁଣିବା ପୂର୍ବରୁ ପାଣିରେ ୪୮ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ରଖାଯାଏ । ୮ ରୁ ୯ ମାସର ଚାରାକୁ କ୍ଷେତରେ ଲଗାଇବା ଉଚିତ୍ ।

♠ **ରୋଗ ଏବଂ ରୋଗ ଉପଶମପାଇଁ ଔଷଧୀୟ ପ୍ରୟୋଗ :** ଏହା କଫ, ପିତ୍ତନାଶକ । ଅର୍ଶ ଓ ଆଘାତଯୋଗୁଁ ଚର୍ମ ବା ପେଶୀରେ ଉତ୍କଟ ଯନ୍ତ୍ରଣାର ଉପଚାରପାଇଁ ଅର୍ଜ୍ଜୁନ ପତ୍ରକୁ ବାହ୍ୟ ଭାବରେ ବ୍ୟବହାର କରାଯାଇଥାଏ । ସତେଜ ପତ୍ରକୁ ବ୍ୟବହାର କରି କାନବିନ୍ଧା, ମେଦବୃହଳତା, ପେଟରୋଗ ଓ ଜ୍ୱର ଇତ୍ୟାଦି ରୋଗ ଚିକତ୍ସା କରାଯାଇଥାଏ । ଛେଲି କୋଷ୍ଠବଦ୍ଧକାରକ । Bark is astigent, antidysentric, cardiotonic, styptic, febrifuge, cooling internally and wholesome for heart. ଏହା ହୃତ୍‌ପିଣ୍ଡର ରୋଗପାଇଁ cardiotonic ଏବଂ bilious affections. ଏହା କ୍ଷତ ଓ ମୂତ୍ରାଶୟଜନିତ ରୋଗପାଇଁ ଅବ୍ୟର୍ଥ ଔଷଧ ଭାବରେ କାମକରିଥାଏ । ଛେଲିର ଗୁଣ୍ଡ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ has a diuretic ଏବଂ ଯକୃତ କୋଷର କ୍ଷୟରୋଗ ଉପରେ ପ୍ରଭାବ ପକାଇଥାଏ । ହାଡ଼ ଭାଙ୍ଗିଯାଇଥିଲେ ଗାଈକ୍ଷୀର ସହ ଅର୍ଜ୍ଜୁନଛେଲିର ଗୁଣ୍ଡ ବ୍ୟବହାର କରାଯାଇଥାଏ । Decotion ବ୍ୟବହାର କରି ଦୂଷିତ ପଦାଥ୍ୟ ପ୍ରଭାବରେ ହୋଇଥିବା ଘା' ଏବଂ କର୍କଟ ରୋଗକୁ ମଧ୍ୟ ଶୋଧନ କରାଯାଇଥାଏ । ପୋଡ଼ାଛେଲିର ଗୁଣ୍ଡକୁ ବିଛାକମୁଡ଼ାରେ ପ୍ରୟୋଗ କରାଯାଇ ଯନ୍ତ୍ରଣାକୁ ଉପଶମ କରାଯାଇଥାଏ । ଏହାର ଫଳ ବଳକାରକ ଏବଂ deo-obstruent.

♠♠♠





# ବାଇଡ଼ଙ୍କ

## *Mucuna pruriens*



ବନସ୍ପତି (ବୈଷୟିକ) ନାମ

**ମୁକୁନା ପ୍ରୁରିଏନ୍ସ**

ଉଦ୍ଭିଦ ଜଗତ ପରିବାର

**ଫାବାସି (Fabaceae)**

♠ **ବନସ୍ପତି (ବୈଷୟିକ) ନାମ :** ମୁକୁନା ପ୍ରୁରିଏନ୍ସ *(Mucuna pruriens)*

♠ **ଉଦ୍ଭିଦ ଜଗତ ପରିବାର :** ଫାବାସି (*Fabaceae* )

♠ **ଇଂରାଜୀରେ ନାମ :** ଭେଲ୍‌ବେଟ୍‌ବିନ୍, କାଓଇଚ୍, କାଓହେଜ୍, ଇଚିଂବିନ୍, ନେସ୍‌କାଫେ, ବୋଫାଲୋବିନ୍, ପିକାପିକା, ଡେବିଲବିନସ୍ ।

♠ **ସଂସ୍କୃତରେ ନାମ :** କଣ୍ଡୁରା, ଶୁକଶିମ୍ବି, ଋଷ୍ୟପ୍ରୋକ୍ତା, ଶ୍ୟାମଗୁପ୍ତ, ରୋମାଲୁ, ବ୍ରହ୍ମାଣୀ, ଆତ୍ମଗୁପ୍ତା, କପିକଚ୍ଛୁ, କପିଗଚ୍ଛୁ, ମର୍କଟୀ, ଅଧ୍ୟଣ୍ଡା, କଚୁରା, ବରାହିତା, ବନସୂରିକା, ଦୁସ୍ପର୍ଶା, ଲାଙ୍ଗୁଳୀ ।

♠ **ଭାରତୀୟ ନାମ :** ହିନ୍ଦୀ- କିଓ୍ବାଂଚ୍, କୋଂଚ୍, ଗୋନାଚା, କେଞ୍ଚ, କିବାଞ୍ଚ, କିନ୍‌ଓ୍ବାଚ୍, କଂଚ୍ । ବେଙ୍ଗଲୀ - ଆଲ୍‌କୁଶୀ, ଆଲ୍‌କୁସ୍, ଆଲ୍‌କୁସି । ଆସାମିଜ୍ - ବନ୍ଦର କେକୋବା । ମାଲାୟାଲମ୍ - ନେକରାନାମ୍, ନାଇକୁରୁନା, ନାଇକୋରନା, ଚୋରୀଭାଲୀ । ମରାଠୀ - ଖାଜ୍‌କୁଇରି । ତାମିଲ - ପୂନାଇକ୍କାଲ୍, ପିଲିଆଡୁଗୁ । ତେଲୁଗୁ - ଡୁରୁଡ଼ାଗୋଣ୍ଡି, ପିଲିଆଡୁଗୁ । କନ୍ନଡ଼ - ନାସାଗୁନ୍ନିକାଇ ।



♠ **ଓଡ଼ିଆରେ ନାମ :** ବାଇଡ଼ଙ୍କ, କାଇଚୋ, ବାଇଡ଼ୋଙ୍କ, ବାଇବିଡ଼ଙ୍ଗ । ସାନ୍ତାଳୀ ଭାଷାରେ - ଏକଟା, ଆଟ୍‌କୁସି, ଆଟ୍‌କିର, ବଣ୍ଡା ଭାଷାରେ - କୁନ୍‌ଡ଼ଙ୍ଗ, କନ୍ଧ ଭାଷାରେ -ଶେଲକାନୀ, କରୁଣା ।

♠ **ଆୟୁର୍ବେଦିକ ଏକାର୍ଥବାଚକ ଶବ୍ଦ :** ବ୍ୟଙ୍ଗ, ଦୁଷ୍ପରସା, ବନାରୀ, ବୃଷ୍ୟ, ଆତ୍ମଗୁପ୍ତ, ପ୍ରବାସ୍ୟାନି, କାନ୍ଦୁରା, ଶୁକଳମ୍ବୀ, ରସ୍ୟପ୍ରୋକ୍ତା, ବୀର୍ଯ୍ୟ ।

♠ **ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

ଗୁଣ - ଗୁରୁ, ସ୍ନିଗ୍ଧ    ବିପାକ - ମଧୁର

ରସ - ମଧର, ତିକ୍ତ    ବୀର୍ଯ୍ୟ - ଉଷ୍ଣ

ପ୍ରଭାବ - ଶୁକ୍ରଳା, ବାଜୀକର ଦୋଷକର୍ମ - ବାତଶମକ ।

ଏହା ବାତଶାମକ ତଥା କଫବର୍ଦ୍ଧକ । ଏହାର ବୀଜ ଅତ୍ୟନ୍ତ ଶୁକ୍ରବର୍ଦ୍ଧକ ଓ ବଳବର୍ଦ୍ଧକ । ଏହା ସୁସ୍ୱାଦୁ, ରତିଶକ୍ତି ବର୍ଦ୍ଧକ ଓ ବାଜୀକର । ବଳ, ବର୍ଣ୍ଣ, ରସରକ୍ତାଦି ବୃଦ୍ଧିକାରକ ଏବଂ ବାତ, ଶୀତପିତ୍ତ, ରକ୍ତଦୋଷ, କ୍ଷୟ, ବ୍ରଣଆଦିର ନାଶକ ଅଟେ ।

♠ **ବାଣିଜ୍ୟିକ ନାମ :** କାଓହେଜ୍

♠ **ବ୍ୟବହୃତ ଅଂଶ :** ଚେର, ମଂଜି, ପତ୍ର, ଲୋମ

♠ **ରାସାୟନିକ ସଂଗଠନ :** ଏହି ଉଦ୍ଭିଦରେ ଆଦ୍ରତା, ଖଣିଜ ପଦାର୍ଥ, କ୍ୟାଲ୍‌ସିୟମ୍ ଫସ୍‌ଫରସ୍, ଲୌହ, ସଲ୍‌ଫର ଏବଂ ମାଙ୍ଗାନିଜ୍ ଇତ୍ୟାଦି ପଦାର୍ଥ ରହିଅଛି । ମଂଜିରେ ଡିଭୋଲୋପା ବ୍ୟତୀତ ଶିରୋଟୋନିଂ (୫-ଏଚ୍.ଟି.), ୫ ଏଚ୍.ଟି.ପି., ନିକୋଟିନ୍, ଏନ୍, ଏନ୍.(ଡି.ଏମ୍.ଟି), ବୁଫୋଟେନିନ୍ ଏବଂ ୫ ଏମ୍.ଇ.ଓ.-ଡି.ଏମ୍.ଟି. ଥାଏ । ଏଣୁ ଏହାର ମରିଚିକା ସଦୃଶ ବା ଭେଳିକି ଲାଗିଲା ଭଳି ଅନ୍ତର୍ନିହିତ ଗୁଣ ଥାଏ । ପୂର୍ଣ୍ଣମାତ୍ରାରେ ବିକଶିତ ହୋଇଥିବା ମଂଜିରେ ୩.୧ ରୁ ୬.୧% ଏଲ୍-ଡୋପା ସହିତ କିଛି ପରିମାଣର ୫-ହାଇଡ୍ରୋକ୍ସି ଟ୍ରିପ୍‌ଟାମାଇନ୍ (ଶିରେଟୋନିନ୍), ନିକୋଟାଇନ୍, ଡି.ଏମ୍.ଟି - ଏନ୍ - ଅକ୍ସାଇଡ୍, ବୃଫୋଟେନିନ୍, ୫-ଏମ୍.ଇ.ଓ. - ଡି.ଏମ୍.ଟି. - ଏନ୍ - ଅକ୍ସାଇଡ୍ ଏବଂ



ବିଟା-କର୍ବୋଲାଇନ୍ ଥାଏ। ୩୬ ଥର ମଂଜିକୁ ନେଇ ସର୍ବକ୍ଷେଣ ନମୁନା ଭାବରେ ଗ୍ରହଣ କରି ଦେଖାଯାଇଛି ଯେ ମଂଜିରେ ଟ୍ରିପଟାମାଇନ୍ ନାହିଁ।

ପତ୍ରରେ ୦.୫% ଏଲ୍-ଡୋପା, ୦.୦୦୬% ଡାଇମିଥାଇଲ୍ ଟ୍ରିପଟାମାଇନ୍ (ଡି.ଏମ୍.ଟି), ୦.୦୦୨୫% ୫ ଏମ୍.ଇ.ଓ.-ଡି.ଏମ୍.ଟି. ଏବଂ ୦.୦୦୩% ଡି.ଏମ୍.ଟି.-ଏନ୍-ଅକ୍ସାଇଡ୍ ରହିଅଛି।

♠ **ଉଦ୍ଭିଦର ପ୍ରାକୃତିକ ଆବାସ :** ବାଇଡ଼ଙ୍କ ଏକ ଲତା। ଏହା ବିଭିନ୍ନ ପ୍ରାକୃତିକ ପରିବେଶରେ ଗୁଳ୍ମ ଓ ଉଦ୍ଭିଦର ସାହାଯ୍ୟ ନେଇ ଭଲଭାବରେ ବଢ଼ିଥାଏ। ଏହା ଏକ ଗ୍ରୀଷ୍ମମଣ୍ଡଳୀୟ ଛୁଇଁ ବା ଶିମ୍ବଜାତୀୟ ଉଦ୍ଭିଦ। ଉତ୍ତମ ଦୋରସା ଓ ନିଗିଡ଼ା ମାଟି ଏହି ଲତାପାଇଁ ସର୍ବୋତ୍କୃଷ୍ଟ। ତେବେ ବାଲିଆ, ନିଗିଡ଼ା ମାଟି ଓ ଭଲ ଅମ୍ଳତ୍ୱଥିବା ମାଟିରେ ଏହା ବହୁତ ଭଲଭାବରେ ବଢ଼ିଥାଏ। ଏହି ଗଛ ଉତପ୍ତ ଜଳବାୟୁ ଯେଉଁଠାରେ ୧୦୦୦ - ୨୫୦୦ ମିଲିମିଟର ବର୍ଷାହୋଇଥାଏ, ସେଠାରେ ମଧ୍ୟ ଭଲ ବଢ଼ିଥାଏ। ଅତିକମ୍‌ରେ ୪୦୦ ମିଲିମିଟର ବର୍ଷାହୋଇଥିବା ଅଂଚଳରେ ମଧ୍ୟ ଏହି ଲତା ଦେଖିବାକୁ ମିଳିଥାଏ। ଏହି ଲତାଟି ମରୁଡ଼ିକୁ ସାମ୍ନା କରିପାରେ। କିନ୍ତୁ ଓଦାଳିଆ ମାଟିରେ ଏହି ଗଛ ବଢ଼ିପାରେ ନାହିଁ। ୧୯ ଡ଼ିଗ୍ରିରୁ ୨୭ ଡ଼ିଗ୍ରି ସେଲ୍ସିୟସ୍ ସେଣ୍ଟିଗ୍ରେଡ୍ ମଧ୍ୟରେ ଏହି ଗଛ ଭଲଭାବରେ ବଢ଼ିଥାଏ। ଏହି ଗଛ ଅଧିକ ସୂର୍ଯ୍ୟାଲୋକ ଖୋଜିଥାଏ।



♠ **ସ୍ୱରୂପ ବା ପରିଚୟ :** ଏହା ଏକ ଦୁଷ୍ଟ ଉଦ୍ଭିଦ। ଏହାର ଫଳ ଏବଂ କଅଁଳ ପତ୍ର ମନୁଷ୍ୟ ଶରୀରରେ ଲାଗିଲେ ଭୀଷଣ କୁଣ୍ଡେଇ ହୋଇଥାଏ। ଏହା ବର୍ଷାୟୁ ଓ କାଣ୍ଡମାଧ୍ୟମରେ ଉପରକୁ ଉଠୁଥିବା ଏକ ଲୋମଶ ଲତା ଦେଖିବାକୁ ଶିମ୍ବ ଲତା ଭଳି। ଅନାବନା ସ୍ଥାନରେ ବହୁଳ ପରିମାଣରେ ଦେଖାଯାଏ ଏବଂ ଯେ କୌଣସି ଗଛ ଓ ବାଡ଼ର ସାହଯ୍ୟ ନେଇ ନିର୍ଦ୍ୱନ୍ଦ୍ୱରେ ଉପରକୁ ମାଡ଼ିଥାଏ। ଏହି ଲତାଟି ପ୍ରାୟ ୧୫ ମିଟର ଲମ୍ବ ପର୍ଯ୍ୟନ୍ତ ବଢ଼ିଥାଏ। ଲତାଟିର ତରୁଣ ବା ଯୁବାବସ୍ଥାରେ ତା'ଦେହରେ ନରମ ଲୋମ ପ୍ରକାଶ ପାଇଥାଏ କିନ୍ତୁ କାଳକ୍ରମେ ଏହାର ପୃଷ୍ଠଭାଗରେ କମଳା ରଙ୍ଗର ସଘନ ଲୋମଥାଏ। ଏହା ଶରୀରରେ ସ୍ପର୍ଶହେବା ମାତ୍ରେ କଣ୍ଡୁ, ଦାହ ଏବଂ ଶ୍ୱଥ ଉତ୍ପନ୍ନ କରିଥାଏ।

ଏହାର ଗଜାପତ୍ର ଧରିଥିବା ଶାଖାଟି ପ୍ରାୟ ୨ - ୩ ମିଲିମିଟର ଲମ୍ବ ହୋଇଥାଏ। ଏଥିରେ ପାଖାପାଖି ହୋଇ ଆଉକିଛି ପତ୍ରଥାଏ ଯାହାର ଲମ୍ବ ପ୍ରାୟ ୫ ମି.ମି.।

ପତ୍ରଗୁଡ଼ିକ ପ୍ରାୟ ୬ - ୯ ଇଂଚ ଲମ୍ବ ଓ ତ୍ରିପତ୍ରକ ହୋଇଥାଏ। ଯୁବାବସ୍ଥାରେ ପତ୍ରର ଉଭୟ ପାର୍ଶ୍ୱରେ ବହୁପରିମାଣରେ ଲୋମଥାଏ।



୬-୭ ଗୋଟି ସ୍ପଷ୍ଟ ପାର୍ଶିକ ଶିରାଯୁକ୍ତ। ପତ୍ରଗୁଡ଼ିକ ଦେଖିବାକୁ ଅର୍ଦ୍ଧହୃଦ୍‌ବତ୍‌। ପତ୍ରର ପାର୍ଶ୍ୱଗୁଡ଼ିକ ବେଳେବେଳେ ଖୋପାକୃତି ହୋଇଥାଏ ଓ ଏହାର ଅଗ୍ରଭାଗ ମୁନିଆ ଥାଏ।

ପୁଷ୍ପ ମଂଜରୀ ୦.୫ – ୧ ଫୁଟ ଲମ୍ବ ଓ ଓହଳିଥାଏ। ଏଥିରେ ୧-୧.୫ ଇଂଚ ଲମ୍ବ ନୀଳ ବା ବାଇଗଣୀ ରଂଗର ପୁଷ୍ପ ହୋଇଥାଏ। ଫୁଲର ରଂଗ ଧଳା, ବେଳେ ବେଳେ ବାଇଗଣୀ ହେବା ସହିତ ସୁଗନ୍ଧଯୁକ୍ତ ହୋଇଥାଏ। ୨ ଓ ୩ ରୁ ଆରମ୍ଭ କରି ୩୦ ସଂଖ୍ୟା ପର୍ଯ୍ୟନ୍ତ ଫୁଲ ଓହଳି ଥାଏ।

ଶିମ୍ବୀ ଫଳ ଗୁଡ଼ିକ ବକ୍ରାକାର ଓ ୫ – ୧୦ x ୧.୫ ସେ.ମି.। ଏହାର ଫଳ ଗୁଡ଼ିକ ଦେଖିବାକୁ ଶିମ୍ବପରି ପେଚ୍ଛାପେଚ୍ଛା ହୋଇଥାଏ ଓ ଲଟକିଥାଏ। ଏହାର ଦୁଇ ଶିର ବିପରୀତ ଦିଗକୁ ମୋଡ଼ି ହୋଇଥାଏ। ଶିମ୍ବୀ ମାଟିଆ ଓ ପାଉଁଶିଆ ରଂଗରେ ଦେଖିବାକୁ ମିଳେ। ଏହା ଉପରେ କମଳା ରଂଗର ଲୋମ ଥାଏ।

ଫଳ ଉପରେ ଅନୁଲମ୍ବ ପର୍ଶୁକ ଥାଏ। ପାଚିଲା ଫଳର ଲମ୍ବ ପ୍ରାୟ ୪ – ୧୩ ସେ.ମି., ଚଉଡ଼ା ୧ – ୨ ସେ.ମି. ହୋଇଥାଏ। ଫଳର ଲମ୍ବଯୁକ୍ତ ଶରୀରେ ଏକ ଶିରା ଦେଖାଯାଏ। ଚୋପାରେ ବହୁତ ଲୋମ ଥାଏ। ଏହାର ପୃଷ୍ଠଭାଗରେ ଘନ ଲୋମଥାଏ। ସାଁବାଳୁଆ ଲୋମପରି ଫଳ ଦେହରେ ଲୋମଥାଏ। ଏହାର ଲୋମକୁ ସ୍ପର୍ଶକଲେ ଦେହ କୁଣ୍ଡେଇ ହୁଏ, ଦାହ ହୁଏ ଓ ଶୋଥ ଉତ୍ପନ୍ନ ହୋଇଥାଏ। ଯେଉଁ ଯେଉଁ ରାସାୟନିକ ପଦାର୍ଥଯୋଗୁଁ କୁଣ୍ଡାଇହେବା ବା ଫଳିଯାଇଥାଏ, ସେଗୁଡ଼ିକ ହେଲା, ପ୍ରୋଟିନ୍‌, ମୁକୁନାଇନ୍‌, ଏବଂ ସେରୋଟୋନିମ୍‌।

ପ୍ରତ୍ୟେକ ଶିମ୍ବରେ ପ୍ରାୟ ୫ – ୭ଟି ମଂଜି ଦେଖିବାକୁ ମିଳେ। ଏହି ମଂଜିର ରଂଗ କଳା, ଆକୃତି ଅଣ୍ଡାକାର, ଚେପଟା ଓ ଚକଚକିଆ। ମଂଜିର ମଜ୍ଜା ଶ୍ୱେତବର୍ଣ୍ଣ ହୋଇଥାଏ। ମଂଜିର ଲମ୍ବ ୧.୦ – ୧.୯ ସେ.ମି. ଏବଂ ଚଉଡ଼ା ପ୍ରାୟ ୦.୮ରୁ ୧.୩ ସେ.ମି. ହୋଇଥାଏ। ମୋଟେଇ ୪.୦ – ୬.୫ ସେ.ମି. ହୋଇଥାଏ। ପରିପକ୍ୱ ମଂଜିଗୁଡ଼ିକ ମାଉଁସିଆ, ସୂକ୍ଷ୍ମ ଖୋଳ ଭିତରେ ରହିଥାଏ।





ବର୍ଷାଋତୁରେ ଏହି ଲତା ଉତ୍ପନ୍ନ ହୋଇଥାଏ। ଶରତ ଓ ହେମନ୍ତ ଋତୁରେ ଏଥିରେ ପୁଷ୍ପ ଧରିଥାଏ ଓ ଶୀତ ଓ ବସନ୍ତରେ ଫଳ ହୋଇଥାଏ।

ଶୁଷ୍କ କଣ୍ଡୁ ବା ରମ୍ଫେଇ ହେବା ଗୁଣ – ମଂଜର ଖୋସାକୁ ଅନ୍ତରାଚ୍ଛାଦନ କରିଥିବା ଲୋମ ଏବଂ ପତ୍ରର ଥିବା ଛୋଟ ଉପଶୂକୀ (Spicule) ରେ ୫-ହାଡ୍ରୋକ୍ସି ଟ୍ରିପଟାମାଇନ୍‌ (ଶିରୋଟୋନିନ୍‌) ଥାଏ। ଏହି ପଦାର୍ଥର ସ୍ପର୍ଶ ଯୋଗୁଁ ଚର୍ମରେ କଣ୍ଡୁ ଜାତ ହୋଇଥାଏ। ଏତଦ୍‌ବ୍ୟତୀତ ପ୍ରୋଟିନ୍‌ ଏବଂ ମୁକୁନେନ୍‌ ମଧ୍ୟ ଥିବାରୁ ରମ୍ଫେଇହେବା ବୃଦ୍ଧି ଘଟିଥାଏ। ଫୁଲର ତଳେ ଥିବା ବୃତିମଣ୍ଡଳ (Calyx) ମଧ୍ୟ କଣ୍ଡୁଜାତ କରିଥାଏ। ମଂଜିର ଖୋସାରେ ଥିବା ଚକ୍‌ଚକିଆ ଲୋମକୁ ନେଇ କଣ୍ଡୁଗୁଣ୍ଡ କରାଯାଇଥାଏ। କଣ୍ଡୁ ବନ୍ଦ କରିବା ନିମନ୍ତେ ପାଣି ବ୍ୟବହାର କରିବା ଉଚିତ୍‌ ନୁହେଁ। କାରଣ ମଂଜିର କୋଷାରେ ଥିବା ରାସାୟନିକ ପଦାର୍ଥର ଶକ୍ତି ହ୍ରାସ ହୋଇଥାଏ। ଏପରିକି କଣ୍ଡୁ ହୋଇଥିବା ସ୍ଥାନକୁ ରାମ୍ପିବା ମଧ୍ୟ ଉଚିତ୍‌ ନୁହେଁ କାରଣ ହାତ ମଧ୍ୟ ଦେଇ ହାତ ମାଧ୍ୟମରେ ଅନ୍ୟସ୍ଥାନକୁ ଏହା ସଂପ୍ରସାରିତ ହୋଇଥାଏ। ଯଦି ଏପରି ଘଟଣା ଘଟେ, ତେବେ ଜଣେ



ବାରମ୍ବାର ଯୋରରେ କୁଣ୍ଡାଇଥାଏ ଏବଂ ସହ୍ୟ କରିପାରେନାହିଁ । ଏହି କାରଣରୁ ମୋଦମ୍ନିକର ଅଧିକାରୀମାନେ ଏହାକୁ ପାଗଳା ଶିମ୍ବ (ମ୍ୟାଡ୍‌ବିନ୍) ବୋଲି କହିଥାନ୍ତି । ସେମାନେ କଞ୍ଚା ଅବିଶୋଧିତ ତମାଖୁକୁ ବ୍ୟବହାର କରି କୁଣ୍ଡାଇ ହେବା ସ୍ଥାନରେ ପ୍ରୟୋଗ କରି ଉପଶମ ପାଇଥାନ୍ତି । କିନ୍ତୁ ଭାରତରେ କଞ୍ଚା ଗୋବର ଲଗେଇ ଉପଶମ ପାଇଥାନ୍ତି ।

♠ **ଶରୀରରେ ଔଷଧର କାର୍ଯ୍ୟ ନିରୂପଣ :** ଏକ ପରୀକ୍ଷାରୁ ଜଣାଯାଇଛି ଯେ ବାଇଡ଼ଙ୍କରେ ଥିବା ଲିଭାଡ଼ୋପଲୋପା ନାମକ ରାସାୟନିକ ପଦାର୍ଥ ସ୍ନାୟୁଗତ ରୋଗ ଚିକସ୍ସାପାଇଁ ଏକ ସଂକେତ । ଏଣୁ ପାର୍କିନ୍‌ସନ୍ ( ଏକ ସ୍ନାୟୁଗତ ରୋଗ, ଯେଉଁରୋଗରେ ଦେହ ଥରେ, ଏବଂ ବେଶୀ ଦୁର୍ବଳ ଲାଗିଥାଏ) ନାମକ ରୋଗ ଚିକିତ୍ସା ନିମନ୍ତେ ବ୍ୟବହାର ହୋଇପାରୁଛି । ଲିଭାଡ଼ୋପା ( ଏଲ୍-ଡୋପା) ବ୍ୟତୀତ ବାଇଡ଼ଙ୍କରେ କିଛି ପରିମାଣର ଶିରୋଟିନ୍ ( ୫-ଏଚ୍.ଟି.), ୫-ଏଚ୍.ଟି.ପି., ନିକୋଟିନ୍, ଏନ୍.ଏନ୍. - ଡି.ଏମ୍.ଟି., ବୁଫୋଟେନିନ୍ ଏବଂ ୫-ଏମ୍.ଇ.ଓ. - ଡି.ଏମ୍.ଟି ମଧ୍ୟ ରହିଛି ।

ପରିପକ୍ୱ ବୀଜରେ ୩.୧ ରୁ ୬.୧ % ଏଲ୍-ଡୋପା ସ୍ୱଳ୍ପ ପରିମାଣର ୫-ହାଡ୍ରୋକ୍ସି ଟ୍ରିପ୍‌ଟାମାଇନ (ଶିରୋଟିନ୍), ନକୋଟିନ୍, ଡି.ଏମ୍.ଟି.-ଏନ୍-ଅକ୍ସଡ଼ାଇଡ୍, ବୁଫୋଟେନିନ୍, ୫-ଏମ୍.ଇ.ଓ.-ଡ଼ି.ଏମ୍.ଟି.-ଏନ୍-ଅକ୍ସାଇଡ୍ ଏବଂ ବିଟା-କାର୍ବୋଲିନ୍ ଅଛି । ସେହିପରି ପରିପକ୍ୱ ପତ୍ରରେ ୦.୫% ଏଲ୍-ଡ଼ୋପା, ୦.୦୦୬% ଡାଇମିଥାଇଲ୍ ଟ୍ରିପ୍‌ଟାମାଇନ୍ (ଡି.ଏମ୍.ଟି), ୦.୦୦୨୫% ୫-ଏମ୍.ଇ.ଓ.-ଡ଼ି.ଏମ୍.ଟି. ଏବଂ ୦.୦୦୩% ଡ଼ି.ଏମ୍.ଟି.-ଏନ୍.-ଅକ୍ସାଇଡ୍ ଥିବାର ସୂଚନା ମିଳିଛି ।

♠ **ପୁଷ୍ପ ସମ୍ବନ୍ଧୀୟ ବିଶେଷ ଗୁଣ :**

♠ **ବଂଶ ବିସ୍ତାର :** ଏହା ଗୋଟିଏ ଭାରତବର୍ଷରେ ଖରିଫ ଫସଲ ହିସାବରେ ଗ୍ରହଣ କରାଯାଇପାରେ । ବାଇଡ଼ଙ୍କର ମଂଜିକୁ ୫୦ କିଲୋଗ୍ରାମ ହିସାବରେ ଜୁନ୍ ମାସ ୧୫ ତାରିଖରୁ ଜୁଲାଇମାସ ୧୫ ତାରିଖ ମଧ୍ୟରେ ୬୦ x ୬୦ ସେଣ୍ଟିମିଟର ହିସାବରେ ବୁଣାଯାଏ । ଡେରିରେ ଏହି ମଂଜି ବୁଣିଲେ ଲାହିକୀଟ (aphids) ମାନଙ୍କଦ୍ୱାରା ଉପଦ୍ରବ ହୋଇଥାଏ । ସ୍ଥାନୀୟ ଅଂଚଳରେ ସଂଗୃହିତ ମଂଜିକୁ ସେହି ଅଂଚଳରେ ବୁଣିଲେ ଭଲ ଅଂକୁରୋଦ୍ଗମ ଓ ଭଲ ଗଛ ହୋଇଥାଏ । ତତ୍‌ବ୍ୟତିତ, ୨୫% ନାଶକ ଜୀବ (Pest) ଦ୍ୱାରା ହେଉଥିବା ରୋଗ ସଂକ୍ରମଣ କମିଥାଏ । ମଂଜି ବୁଣିବାର ୪୦ - ୫୦ ଦିନ ପରେ ଗଛରେ ଫୁଲ ଆସିଥାଏ । ଜଳସେଚନର ସୁବିଧା ଥିଲେ ଗୋଟିଏ ହେକ୍ଟରରୁ ପ୍ରାୟ ୫୦୦୦ କିଲୋଗ୍ରାମ ଔଷଧୀୟ ପଦାର୍ଥ ମିଳିଥାଏ ।

♠ **ରୋଗ ଉପଶମପାଇଁ ଔଷଧୀୟ ବ୍ୟବହାର :**

ଚେର - ଏହାର ଚେର ସ୍ୱାଦରେ ତିକ୍ତ ଏବଂ ମିଠା । ଏହା ଜ୍ୱରନାଶକ, କାମଉଦ୍ଦିପକ, କୃମିନାଶକ ଓ ବିରେଚକ (ଝାଡ଼ାକରେଇବା) । ଏହା ଶରୀରେ ତାପ ସୃଷ୍ଟି ନିୟନ୍ତ୍ରଣ ଏବଂ ଶରୀରର ତନ୍ତୁକୁ ନମନୀୟ କରିବାରେ ସାହାଯ୍ୟ କରିଥାଏ । ନାରୀମାନଙ୍କର ମାସିକ ଋତୁସ୍ରାବ ନିୟନ୍ତ୍ରିତ କରିଥାଏ । ଏହାକୁ ଶରୀର ବଳବର୍ଦ୍ଧକ ଔଷଧ (Tonic ) ହିସାବରେ ମଧ୍ୟ ବ୍ୟବହାର କରାଯାଏ ।



ଶରୀରରେ ବାତ, ପୀତ ପ୍ରଭାବକୁ ଏହା ନଷ୍ଟ କରିଥାଏ । ଏହା ମଧ୍ୟ କୋଷ୍ଠବର୍ଦ୍ଧନ, ଦୂଷିତ କ୍ଷତ ବା ଶୁଖୁନଥିବା ଘା', ଜ୍ୱର, କୃମି ଜନିତ ରୋଗ ଓ ମାନସିକ ରୋଗର ବାଉଳା ଚାଉଳା ପ୍ରଳାପକୁ ପ୍ରତିରୋଧ କରିଥାଏ । ଗଭୀର ନିଦ୍ରା ହେବା ନିମନ୍ତେ ଓ ଶରୀରରେ ବ୍ରଣ ବା ଘା' ଯୋଗୁଁ ଫୁଲୁଥିବା ସ୍ଥାନକୁ ନିୟନ୍ତ୍ରଣ କରିବାରେ ଏହାର ଚେର ବ୍ୟବହାର ହୋଇଥାଏ ।

♠ **ଚେରର କ୍ୱାଥ ବା ପାଚନ :** ଉଭୟ ବାଇଡ଼ଙ୍କ ଗଛ ଓ ତା'ର ଚେର ମୂତ୍ରବର୍ଦ୍ଧକ । ଏହାର ମଧ୍ୟ ବିରେଚକ ( ଝାଡ଼ାକରେଇବା ) ଗୁଣ ଥିବାରୁ ଶରୀରର ପାକସ୍ଥଳୀରୁ ଗୁହ୍ୟଦ୍ୱାର ପର୍ଯ୍ୟନ୍ତ ପ୍ରସାରିତ ଅନ୍ତ୍ରବହନ ନଳୀର ଅଂଶ ବା ଅନ୍ତ୍ରରେ ସଂକ୍ରମଣ ଯୋଗୁଁ ଆମାଶୟ ବା ନାଳରକ୍ତ ମିଶା ପତଳା ଝାଡ଼ାକୁ ଉପଶମ କରିଥାଏ । ଏହା ମଧ୍ୟ ଜରାୟୁ ବା ଗର୍ଭାଶୟକ ଅସୁବିଧାକୁ ଦୂର କରିଥାଏ । ସେହିପରି କ୍ୱାଥ ବ୍ୟବହାର ଦ୍ୱାରା ରୋଗୀର ବାଉଳା ଚାଉଳା ଅବସ୍ଥାକୁ ଦୂର କରାଯାଇଥାଏ । ଏହା ମଧ୍ୟ ନାରୀମାନଙ୍କର ମାସିକ ରତୁସ୍ରାବକୁ ନିୟନ୍ତ୍ରିତ କରିଥାଏ ।



ଚେରର ଗୁଣ୍ଡ (ପାଉଡ଼ର) - ଚେରର ଗୁଣ୍ଡକୁ ଚକଟା ମଣ୍ଡରେ ପରିଣତ କରି ଜଳଶୋଥ ରୋଗରେ ପୀଡ଼ିତ ରୋଗୀର ଶରୀରର ଚତୁଃପାର୍ଶ୍ୱରେ ବୋଳିଲେ ରୋଗନିଦାନ ହୋଇଥାଏ ।

ପତ୍ର - ପତ୍ର କାମଉଦ୍ଦିପକ, କୃମିନାଶକ ଓ ବଳବର୍ଦ୍ଧକ । ଏହା ମଧ୍ୟ ଶୁଖୁନଥିବା ଘା' ଓ ଫୁଲାକୁ ପ୍ରତିରୋଧ କରିଥାଏ । କୃମି ରୋଗ ଓ ମୁଣ୍ଡବ୍ୟଥା ପ୍ରତିରୋଧ କରିବା ନିମନ୍ତେ ଏହା ଏକ ଅବ୍ୟର୍ଥ ଔଷଧ ରୂପେ କାମକରେ । ଶରୀରର ଦୃବଳତା ନାଶ ଏବଂ ସ୍ତନରେ ଅଧିକ କ୍ଷୀର ବୃଦ୍ଧି ନିମନ୍ତେ ଔଷଧ ହିସାବରେ କାମକରିଥାଏ ।

ପତ୍ରର ରସ (ଜୁସ୍) - ପତ୍ରର ରସ ବ୍ୟବହାର କଲେ ଆମାଶୟ ଝାଡ଼ା ଏବଂ ମୂତ୍ରତ୍ୟାଗର ଅସୁବିଧା ( ମୂତ୍ର ଯନ୍ତ୍ରଣା)କୁ ଦୂର କରିଥାଏ । ବାଇଡ଼ଙ୍କ ପତ୍ରରେ ଜଡ଼ାତେଲ ଲଗାଇ ଘୋଡ଼ାଇଦେଲେ ବ୍ରଣ ଶୁଖିଯାଏ ।

ବୀଜ - ମଞ୍ଜୀରେ ରକ୍ତସ୍ରାବ ବିରୋଧି ଓ ସୁବିଧାରେ ଝାଡ଼ା କରେଇବା ଗୁଣ ରହିଛି । ଏହା କୃମିନାଶକ, କାମଉଦ୍ଦିପକ, ବଳବର୍ଦ୍ଧକ ଓ ବିଷନାଶକ । ଏହା ଗନେରିଆ ପରି ଯୌନରୋଗ, ଗର୍ଭଧାରଣର କ୍ଷମତା, ଶରୀରରେ ବାତର ପ୍ରଭାବକୁ ପ୍ରତିହତ କରିଥାଏ ଓ ଶରୀରର ଦୁର୍ବଳତା ଓ ସ୍ନାୟୁଗତ ରୋଗକୁ ଦୂରକରିଥାଏ । ସେହିପରି ନାକରୁ ନିର୍ଗତ ରକ୍ତସ୍ରାବ ଓ ହାତଗୋଡ଼ ଝିମ୍‌ଝିମ୍ ଭଳି ସ୍ନାୟୁବିକ ଯନ୍ତ୍ରଣାକୁ ପ୍ରତିହତ କରିଥାଏ । ବାଇଡ଼ଙ୍କ ମଞ୍ଜୀକୁ ଉପଯୋଗ କରିବା ପୂର୍ବରୁ ପ୍ରଥମେ ମଞ୍ଜୀଗୁଡ଼ିକୁ ଗରମ ପାଣିରେ ପ୍ରାୟ ୧୨ ଘଣ୍ଟା ବତୁରାଇ ରଖି ନରମ ହେଲାପରେ ମଞ୍ଜୀରୁ ଚୋପା ଛଡ଼ାଇ ତା'ଭିତରେ ଥିବା ପଦାର୍ଥକୁ ବ୍ୟବହାର କରିବା ଦରକାର । କାରଣ ମଞ୍ଜୀର ଚୋପା ବିଷାକ୍ତ ଓ କ୍ଷତିକାରକ । ଏହି ପ୍ରଣାଳୀରେ ଚୋପାଛଡ଼େଇ, ଖରାରେ ଶୁଖାଇ ତାକୁ ଗୁଣ୍ଡକରି ବ୍ୟବହାର କରାଯାଏ । ସମସ୍ତ ରକ୍ତଦୋଷ ଜନିତ ରୋଗ ଯଥା କଣ୍ଡୁ, ଶୁଖୁନଥିବା ଘା', ବ୍ରଣପ୍ରଦର ରୋଗ ଇତ୍ୟାଦି ଚର୍ମରୋଗ ଭଲହୋଇଥାଏ । ରକ୍ତିଶକ୍ତି ବର୍ଦ୍ଧନ ନିମନ୍ତେ ବାଇଡ଼ଙ୍କ ମଞ୍ଜୀରୁ ସଂଗ୍ରହିତ ଗୁଣ୍ଡ ଅବ୍ୟର୍ଥ ଔଷଧ ରୂପେ କାମ କରେ । ବିନା ଛୋପାଛଡ଼ା ମଞ୍ଜୀକୁ ଚନ୍ଦନ ପେଡ଼ିରେ ଘୋରି ଲଗାଇଲେ ବିରୁଡ଼ି, ମହୁମାଛି,

କଙ୍କଡ଼ାବିଛା ଆଦି ବିଷାକ୍ତ କୀଟ ଦଂଶନ ଜ୍ୱାଳା ନିବାରିତ ହୋଇଥାଏ । ବୀଜର ମଜ୍ଜାରୁ ଏକ ପ୍ରକାର ଗାଢ଼ ତୈଳ ବାହାରିଥାଏ ।

ବଲ୍କଳ- ବଲ୍କଳରେ ଔଷଧୀୟ ଗଣ ଥିବାରୁ ଏହାକୁ ବ୍ୟବହାର କରି ଜ୍ୱର, ଆମାଶୟ ଝାଡ଼ା ଓ ହଇଜା ପରି ରୋଗକୁ ପ୍ରତିରୋଧ କରାଯାଇଥାଏ ।

ପୁଷ୍ପ ଏବଂ ଲୋମ - ଉଭୟ ପୁଷ୍ପ ଏବଂ ଲୋମ କୃମି ନାଶକ ଔଷଧ (Vermifuge) ହିସାବରେ କାମ କରିଥାଏ ।

ଲୋମ - ଲୋମରୁ ପ୍ରସ୍ତୁତ ମଲମ ବ୍ୟବହାର କରି ପ୍ରଲେପ ଦେଇ ସ୍ଥାନୀୟ ଅଞ୍ଚଳକୁ ଉଦ୍ଦିପନା (Local stimulant) କରି ଶାରୀରିକ କାର୍ଯ୍ୟକ୍ଷମତା ବୃଦ୍ଧି କରାଯାଇଥାଏ ।

ଫଳ - ଏହା କୃମିନାଶକ ହେତୁ Tenia cannina ପରି କୃମିକୁ ପ୍ରତିରୋଧ କରିଥାଏ ।

କ୍ଷୀର (Latex) - କ୍ଷୀରରେ କୋଷ ବର୍ଦ୍ଧକାରକ ଗୁଣ ରହିଛି । ଏଣୁ କ୍ଷୀରକୁ ବ୍ୟବହାର କରି ପାଦଫଟା ଓ କଟିଯାଇଥିବା ସ୍ଥାନରେ ବ୍ୟବହାର କରାଯାଇଥାଏ । ସ୍ନାୟୁଗତ ଯନ୍ତ୍ରଣାକୁ ଉପଶମ କରିବାରେ କ୍ଷୀର ମଧ୍ୟ ବ୍ୟବହାର ହୋଇଥାଏ । ଏହା ମଧ୍ୟ ଜୀବାଣୁନାଶକ ହିସାବରେ ବ୍ୟବହାର କରାଯାଇଥାଏ ।





# ଅଶ୍ୱଗନ୍ଧା

*Withania somnifera*



ବନସ୍ପତି (ବୈଷୟିକ) ନାମ

**ଉଇଥାନିଆ ସୋମିନିଫେରା**

ଉଦ୍ଭିଦ ଜଗତ ପରିବାର

**ସୋଲାନେସି (Solanaceae)**



♠ **ବନସ୍ପତି (ବୈଷୟିକ) ନାମ :** ଉଇଥାନିଆ ସୋମିନିଫେରା *(Withania somnifera)*

♠ **ଉଦ୍ଭିଦ ଜଗତ ପରିବାର :** ସୋଲାନେସି *(Solanaceae)*

♠ **ଇଂରାଜୀରେ ନାମ :** ଉଇଣ୍ଟର ଚେରି, ଇଣ୍ଡିଆନ୍ ଜିନଶେଙ୍ଗ, ପଏଜନ ଗୁଜବେରି, ଭେଜିଟେବଲ୍ ରେନଟ

♠ **ସଂସ୍କୃତରେ ନାମ :** ଅଶ୍ୱଗନ୍ଧା, ବାରାହକର୍ଣ୍ଣୀ, ବଳଦା, କୁଷ୍ଟଗନ୍ଧିନୀ, ହବୀ, ତୁରକୀ, ଗନ୍ଧାନ୍ତା, ଭାଜିନାମା, ବରଦା, ଭାଜିଗନ୍ଧା, କୁମ୍ଭକାଷ୍ଟ, ବରାଇକା, ବନଜା, ଭାଜିନୀ, ପୁଷ୍ଟିଦା, ହୟାଗନ୍ଧା, ପୁଣା, ପୀବରା, ପଲାସାପର୍ଣ୍ଣୀ, ବାତାଘ୍ନୀ, ସାମଲା, କାମାରପିଣୀ, ବଲ୍ୟା, କାଳପ୍ରିୟା, ଗନ୍ଧପତ୍ରୀ, ବାରାହପୁତ୍ରୀ, ଭାଜିକାରୀ, କାଙ୍କୁକ୍ୟା, ଗୋକର୍ଣ୍ଣୀ, ଭୁସା, ତୁରଙ୍ଗୀ-ଗନ୍ଧ ।

♠ **ଓଡ଼ିଆରେ ନାମ :** ଅଶ୍ୱଗନ୍ଧା, ଆଶଗାର୍ଡ଼ ।

♠ **ଭାରତର ବିଭିନ୍ନ ଆଞ୍ଚଳିକ ଭାଷାରେ ନାମ :** ହିନ୍ଦି – ଅଶ୍ୱଗନ୍ଧ, ପୁନିର୍, ବଂଗଳା – ଅଶ୍ୱଗନ୍ଧା, ଗୁଜୁରାଟୀ – ଅଶ୍ୱଗନ୍ଧା, ଅଶନା, କୋଂକଣୀ – ଫତରଫୋଡ଼ା, ମରାଠୀ – ଅଶ୍ୱଗନ୍ଧା, କନ୍ନଡ଼ – ଭିରେମାଡ଼ିନାଗଡ୍ଡୀ, କିରେମାଲିନାଗିଡ଼ା, ତାମିଲ – ଆଚୁଭାଗଳୀ, ଆମକୁଲଙ୍ଗ-କଲାଙ୍ଗ, ଆମୁକ୍ରାନ୍-କିଞ୍ଜାଙ୍ଗୁ, ଆମୁକସିରା-କଳଜହଙ୍ଗୁ, ଭୁଲିଭେସ୍ତମ୍, ପନେରୁଗଡ଼ା, ପନେରୁଭାଜିଗନ୍ଧ, ଆମୁକିରା, ଆମୁକିରାକକୁଲଙ୍ଗ, ତେଲୁଗୁ – ପିନୋରୁଗଡ୍ଡା, ଅଶ୍ୱଗନ୍ଧୀ, ମାଲୟଲମ୍ – ପେଭିଟି, ଆମୁକୁରମ, ଭାଜିଗନ୍ଧା, ପୁଲିଭେଣ୍ଡ୍ରାମ ।

♠ **ଆୟୁର୍ବେଦିକ ଏକାର୍ଥ-ବାଚକ ଶବ୍ଦ :** ଭାଜିଗନ୍ଧ, କୁଷ୍ଟଗନ୍ଧିନୀ, ହାଇଅଣ୍ଡା ।

♠ **ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

| | |
|---|---|
| ଗୁଣ – ଲଘୁ, ସ୍ନିଗ୍ଧ | ବିପାକ – ମଧୁର |
| ରସ – ମଧୁର, ତିକ୍ତ, କଟୁ | ବୀର୍ଯ୍ୟ – ଉଷ୍ଣ । |





♠ **ଦୋଷ କର୍ମ :** କଫ-ବାତଶାମକ। ଏହା କଫ ପିତ୍ତଶାମ। ଏହାକୁ ସେବନ କଲେ କାଶ, ଶ୍ୱାସ, କ୍ଷୟ, ବାତ, କଫ, ଶୋଥ, ବ୍ରଣ, ବିଷରୋଗ, ଶ୍ୱିତ୍ରରୋଗ, କୁଷ୍ଠ, ପୁରାତନଜ୍ୱର, ସୂତିକା ରୋଗ ଓ ମୂତ୍ରାଘାତ ନିବାରିତ ହୁଏ। ଏହା ଧାତୁ ପୁଷ୍ଟିକର, ଜରାବ୍ୟାଧି ଓ ଦୌର୍ବଲ୍ୟନାଶକ, କ୍ରାନ୍ତିପଦ, ବୀର୍ଯ୍ୟବର୍ଦ୍ଧକ, ଅଗ୍ନିଦୀପକ ଓ ରସାୟନ ଅଟେ।

♠ **ବାଣିଜ୍ୟିକ ନାମ :** ଉଇଣ୍ଟର ଚେରି

♠ **ବ୍ୟବହୃତ ଅଂଶ :** ଚେର, ପତ୍ର, ମଂଜି ଓ ପୂରା ଫୁଲ

♠ **ରାସାୟନିକ ସଂଗଠନ :** ଏହି ଗୁଳ୍ମରେ ଆଲ୍‌କାଲ୍‌ଏଡ୍ ଏବଂ ଷ୍ଟିରୋଇଡାଲ୍ ଲାକଟୋନ୍ ମୁଖ୍ୟ ରାସାୟନିକ ପଦାର୍ଥ ହିସାବରେ ଧରାଯାଇଥାଏ। ଏହା ମଧ୍ୟରେ ଟ୍ରପୋଇନ୍ ଏବଂ କୁସକହାଇଜେରିନ ରହିଥାଏ। ଏତଦ୍‌ବ୍ୟତୀତ, ଲୌହ ଗ୍ଲାଇକୋଉଇଥାନଲିଡ୍ରେସ୍, ଟାନିନ୍, ଗ୍ଲୁକୋଜ୍, ପଟାସିୟମ୍ ନାଇଟ୍ରେଟ୍, ଆଲକାଲଏଡ୍‌ସ୍, ଫ୍ୟାଟି ଏସିଡ୍ ଇତ୍ୟାଦି ମଧ୍ୟ ଥାଏ। ପତ୍ରରେ ଷ୍ଟେରୋଇଡ୍‌ାଲ୍ ଆଲକାଲଏଡ୍ ମଧ୍ୟରେ ଷ୍ଟିରୋଇଡ୍‌ାଲ ଲାକଟୋନ୍ ଉଇଥାନଲିଡ୍ରେସ୍ (ଉଇଥାଫେରିନ୍ - କ), ଉଇଥାନୋସାଇଡ୍ IV, ଏମ୍‌ଂ ଉଇଥାନୋସାଇଡ୍ VI, ସୋମୋନିଫେରିନ୍ ଓ ଆନଫେରିନ୍ ଇତ୍ୟାଦି ଥାଏ।

ଅନ୍ୟ ଏକ ପରୀକ୍ଷାରୁ ଜଣାଯାଇଛି ଯେ ଅଶ୍ୱଗନ୍ଧା ମୂଳରୁ କ୍ୟୁଜି ଓ ହାଇଗ୍ରାଇନ, ଆନାହାଇଗ୍ରାଇନ, ଟ୍ରୋପାଇନ ଓ ଆନାଫେରିନ ଆଦି ଉପକ୍ଷାର ସହ ଅନ୍ୟ ଉପକ୍ଷାର ମିଳିଥାଏ। ମୋଟ ଉପକ୍ଷାର ୦.୧୩ ରୁ ୦.୩୧ ହୋଇଥାଏ। ପ୍ରଚୁର ପରିମାଣର ପ୍ରୋଟିନ ମଧ୍ୟଥାଏ।

ମୂଳ ଡାଳ ଏବଂ ପତ୍ରରୁ କେତେକ ଅମ୍ଳ ମଧ୍ୟ ମିଳିଥାଏ। ଏଥିରେ କିଛି ଲୌହ ମଧ୍ୟ ମିଳିଥାଏ। ହିମେ ଟନିକ ଅର୍ଥାତ ରକ୍ତରେ ଲୌହ ଅଂଶ ବଢ଼େଇବାରେ ଅଶ୍ୱଗନ୍ଧା ଯଥେଷ୍ଟ ସାହଯ୍ୟ କରିଥାଏ। ଅଶ୍ୱଗନ୍ଧାର ପ୍ରତି ୧୦୦ ଗ୍ରାମରୁ ପ୍ରାୟ ୭୮୯.୪ ମିଲିଗ୍ରାମ ଲୌହ ମିଳିଥାଏ। ଏହି ଲୌହ ଅନ୍ୟ କୌଣସି ଲତା ମୂଳରୁ ମିଳୁଥିବା ଲୌହ ଅପେକ୍ଷା ଯଥେଷ୍ଟ ପରିମାଣରେ ଅଧିକ। ଲୌହ ବ୍ୟତୀତ ଅଶ୍ୱଗନ୍ଧା ମୂଳରେ ପ୍ରୋନିନ, ଟାଇରେସିମ୍, ଟ୍ରିପ୍ୟୋଫିନ, ଏଲୋମିନ ତଥା ଚାଇସିନ ଆଦି ଆମିନୋ ଅମ୍ଳ ମୁକ୍ତ ଅବସ୍ଥାରେ ରହିଥାଏ। ଲୌହ ସହ ଏହି ମୁକ୍ତ ଆମିନୋ ଏସିଡ ମିଳୁଥିବାରୁ ଏଥିରୁ ସର୍ବୋତ୍କୃଷ୍ଟ ହିମେଟେନିକ୍ ଟନିକ୍ ହୋଇପାରୁଛି। ଚେର, କାଣ୍ଡ ତଥା ଫଳରେ ଟେନିନ୍ ଏବଂ ଫ୍ଲେଭିନାଇଡ୍ ମଧ୍ୟ ଥାଏ।



♠ **ଉଦ୍ଭିଦର ପ୍ରାକୃତିକ ଆବାସ :** ଏହି ଗୁଳ୍ମ ଶୁଷ୍କ ଅଂଚଳରେ ପ୍ରଚୁର ପରିମାଣରେ ଦେଖାଯାଏ । ବାଲିଆ ଦୋରସା ମାଟିରୁ ଆରମ୍ଭ କରି ଈଷତ୍ ଲାଲ୍ ରଂଗର ମାଟିରେ ମଧ୍ୟ ଏହା ବଢ଼ିଥାଏ । ଏହି ଗଛପାଇଁ ଶୁଷ୍କ ଅଂଚଳ ଆବଶ୍ୟକ କିନ୍ତୁ ଯେଉଁଠାରେ ପ୍ରାୟ ୬୫ ରୁ ୭୫ ସେ.ମି. ବାର୍ଷିକ ବର୍ଷା ହୁଏ ଏବଂ ୨୦ ରୁ ୨୯ ସେଣ୍ଟିଗ୍ରେଡ୍ ଉତ୍ତାପ ଥାଏ, ସେହି ଅଂଚଳରେ ମଧ୍ୟ ଏହା ଦେଖାଯାଏ । ସମୁଦ୍ର ପତ୍ତନଠାରୁ ପ୍ରାୟ ୧୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଅଂଚଳରେ ଏହା ଦେଖିବାକୁ ମିଳିଥାଏ । ପୃଥିବୀର ବିଭିନ୍ନ ଦେଶ ଯଥା, ନେପାଳ, ପାକିସ୍ଥାନର ସିନ୍ଧ ଅଂଚଳ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଏବଂ ଆଫ୍ରିକାର ଦକ୍ଷିଣାଞ୍ଚଳ ଓ ବେଲୁଚିସ୍ଥାନରେ ଦେଖିବାକୁ ମିଳେ । ଭାରତର ମଧ୍ୟ ପ୍ରଦେଶର ମଣ୍ଡେଶ୍ୱର ଜିଲ୍ଲା, ପଂଜାବର ସତ୍‌ଲେଜ୍ ଉପତ୍ୟକା, ଗୁଜ୍‌ରାଟ, ରାଜସ୍ଥାନ, ଦିଲ୍ଲୀ ଓ ହିମାଳୟର ସମୁଦ୍ର ପତ୍ତନଠାରୁ ପ୍ରାୟ ୧୭୦୦ ମିଟର ଉଚ୍ଚତାରେ ଦେଖିବାକୁ ମିଳିଥାଏ । ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳଠାରେ ଏହି ଗଛ ଦେଖିବାକୁ ମିଳେ ।





♠ **ସ୍ୱରୂପ ବା ପରିଚୟ :** ଏହା ଏକ ବର୍ଷାୟୁ, ସଳଖ ଓ ଚିର ସବୁଜ ଗୁଳ୍ମ । ଗୁଳ୍ମଟି ପ୍ରାୟ ୩୫ ସେ.ମି.ରୁ ୭୫ ସେ.ମି. ଉଚ୍ଚତା ଓ କେତେକ କ୍ଷେତ୍ରରେ ୧୫୦ ସେ.ମି. ପର୍ଯ୍ୟନ୍ତ ବଢ଼ିଥାଏ । କାଣ୍ଡଟିରେ ବହୁତ ଲୋମ ଥାଏ । ଏହାର ଶାଖା ଗୋଲାକାର ଓ ସଂଖ୍ୟାଧିକ । ପତ୍ରଗୁଡ଼ିକ ସବୁଜ ଏବଂ ଅଣ୍ଡାକାର । ପତ୍ରଗୁଡ଼ିକ ଲମ୍ବ ପ୍ରାୟ ୩.୫ ରୁ ୧୦ ସେଣ୍ଟିମିଟର ଏବଂ ଚଉଡ଼ା ୧.୮ ସେ.ମି. । ଅଣ୍ଡାକାର ପତ୍ରଗୁଡ଼ିକ ଯୋଡ଼ାଯୋଡ଼ା ଓ ଅଗ୍ରଭାଗ ମୁନିଆ । ଫୁଲଗୁଡ଼ିକର ଆକାର ଛୋଟ ଛୋଟ ଏବଂ ରଙ୍ଗ ସବୁଜ । ଫୁଲ ପାଖୁଡ଼ାର ଭିତର ଅଂଶରେ ହଳଦିଆ ରଂଗ ହୋଇଥିବା ବେଳେ ବାହାର ଅଂଶ ସବୁଜ ରଂଗ ହୋଇଥାଏ । ଶରତ ଋତୁରେ ଫୁଲ ଆସି ଫଳ ହେବା ଆରମ୍ଭ ହୋଇଥାଏ । କାର୍ତ୍ତିକ ମାସରେ ଫଳ ଧରେ । ସବୁଜ ରଂଗର ଫଳସବୁ ରଂଗ ପରିବର୍ତ୍ତନ କରି ନାଲି ଓ କମଳା ରଂଗର ମିଶାମିଶି ରୂପଧରେ । ଫଳଗୁଡ଼ିକ ରସାଳ, କ୍ଷୁଦ୍ର ଓ ଆକାରରେ କାଇଁଚ ପରି ଗୋଲ । ଫଳ ଭିତରେ ଅସଂଖ୍ୟ ମଂଜି ଥାଏ ଓ ଫଳକୁ ଆଉ ଗୋଟିଏ ଚୋପା ଘୋଡ଼ାଇ ରଖିଥାଏ । ମଂଜି ନଥିବା ଫଳ ବା



କୋଳିଗୁଡ଼ିକ ମଟର ବା ମକା ମଂଜିପରି ଦିଶେ । ମାଂସଳ ଚେରସବୁ ଶୁଖିଲେ ସ୍ତମ୍ଭାକାର, ତଳକୁ ସରୁ ଏବଂ ଶ୍ୱେତ ବାଦାମୀ ରଂଗର ହୋଇଥାଏ । ଭାଂଗିଲେ ଭିତର ପୂରା ଧଳା ଦେଖାଯାଏ । ଫିଶାଲିସ୍ ଆଲକେକେଙ୍ଗୀ ନାମକ ଗୁଳ୍ମକୁ ମଧ୍ୟ ଉଇଣ୍ଟର ଚେରି କୁହାଯାଉଥିବାରୁ ବେଳେବେଳେ କେତକ ଭୁଲବଶତଃ ଏହାକୁ ଅଶ୍ୱଗନ୍ଧା ବୋଲି ବିଚାରିଥାନ୍ତି ।

♠ **ପୁଷ୍ପ ସଂକ୍ରାନ୍ତ ବିଶେଷ ଗୁଣ :**

♠ **ବଂଶ ବିସ୍ତାର :** ଏହି ବୃକ୍ଷ ମଞ୍ଜିରୁ ବଂଶ ବିସ୍ତାର କରିଥାଏ । ପାଣି ନିଗିଡ଼ିଥିବା ବାଲିଆ, ଦୋରସା ମାଟି, ଯାହା ୭ - ୮ pH ମଧ୍ୟରେ ଥାଏ,ସେହି ମାଟିରେ ଏହି ବୃକ୍ଷ ଭଲଭାବରେ ବଢ଼େ । ଜୁନ୍ ଓ ଜୁଲାଇ ମାସରେ ଏହି ଗୁଳ୍ମର ମଞ୍ଜିକୁ ବୁଣାଯାଏ ।

ଗାତର ଆକାର - ୬୦ ସେ.ମି. x ୬୦ ସେ.ମି., ଲଗାଇବା ପ୍ରଣାଳୀ - ହାତରେ, ଚାଷ କରିବା ସମୟ - ୧ ବର୍ଷ । ଯେତେବେଳେ ପତ୍ରଗୁଡ଼ିକ ଶୁଖିଯାଏ, ସେତେବେଳେ ମୂଳକୁ ମାଟି ଉପରୁ ଟାଣି ବାହାର କରି ସଂଗ୍ରହ କରାଯାଏ । ଏହା ଚାଷ କରିବାପାଇଁ ସାର ଦରକାର ପଡ଼େନାହିଁ । ଏହି ଗଛରେ ରୋଗହେଲେ, ପତ୍ର ଉପରେ ଗୋଲ ଗୋଲ ଦାଗ ଦେଖାଯାଏ ।

♠ **ରୋଗ ଓ ରୋଗ ଉପଶମପାଇଁ ଔଷଧୀୟ ପ୍ରୟୋଗ :** ଅଶ୍ୱଗନ୍ଧାରୁ ପ୍ରସ୍ତୁତ ଔଷଧ ମନରେ ଶାନ୍ତ, ସ୍ଫୂର୍ତ୍ତିର ପ୍ରଭାବ ପକାଇବା ସହିତ ସହନଶୀଳତା ସମୃଦ୍ଧିରେ ସାହାଯ୍ୟ କରିଥାଏ । ଏହି ଗୁଳ୍ମରୁ ବଳବର୍ଦ୍ଧକ ଔଷଧ ପ୍ରସ୍ତୁତ ହୋଇଥାଏ । ମନୁଷ୍ୟର ଶାରୀରିକ ଓ ମାନସିକ ଶକ୍ତିକୁ ଉତ୍ତେଜିତ କରି ବୃଦ୍ଧି କରିବାରେ ଏହି ଗୁଳ୍ମର ଅବଦାନ ଅନେକ । ଏହି ଗୁଳ୍ମରୁ ମଧ୍ୟ କାମ ଉଦ୍ଦିପକ ଔଷଧ ପ୍ରସ୍ତୁତ କରାଯାଏ । ଏହା ମହିଳାମାନଙ୍କର ଜରାୟୁର ଦୁର୍ବଳତାକୁ ନାଶ କରିଥାଏ । ଏହା ପିଲାମାନଙ୍କର ଶରୀରରେ ଘଟୁଥିବା ଆଭ୍ୟନ୍ତରିକ କ୍ଷୟର ପୁଷ୍ଟିସାଧନ କରିବା ସହିତ ଶରୀର ଉପରିଭାଗରେ ଚର୍ମରୋଗ ଯଥା, କାଛୁ, କୁଣ୍ଡିଆ, ପ୍ରଦାହ ସଂକ୍ରାନ୍ତ ରୋଗ, ଦୂଷିତ ପ୍ରଭାବ ଯୋଗୁଁ ଶୁଖୁ ନଥିବା ଘା' ବା ଗଣ୍ଡପୂଜଯୁକ୍ତ ଘା' ଉପଚାରରେ ମଧ୍ୟ ଏହାର ଔଷଧ ବ୍ୟବହାର କରାଯାଇଥାଏ ।





♠ **ଚେରର ବ୍ୟବହାର :** Root is adoptogenic, alterative, aphrodisise, deodestruent, diuretic and tonic. ଚେରରୁ ପ୍ରସ୍ତୁତ ଔଷଧ ଦ୍ୱାରା ସ୍ତ୍ରୀମାନଙ୍କର ମାସିକ ରକ୍ତସ୍ରାବ, ଶ୍ୱେତପ୍ରଦର, କଫ, ହାକୁଟି ବା ହିକ୍କା, ଉଦରୀ ବା ଶୋଥ ରୋଗ ଭଲ କରାଯାଇଥାଏ । ଏହି ଔଷଧ ମଧ୍ୟ ସ୍ମୃତିନାଶ, ସ୍ନାୟୁଗତ ଅବସନ୍ନତା, ସ୍ୱପ୍ନଦୋଷ ଯୋଗୁଁ ଶୁକ୍ରମେହ ବା ଶୁକ୍ରକ୍ଷରଣ, ବାର୍ଦ୍ଧକ୍ୟ ଯୋଗୁଁ ଶାରୀରିକ ଓ ମାନସିକ ଦୁର୍ବଳତା ପ୍ରତିହତ କରିବାରେ ସାହାଯ୍ୟ କରିଥାଏ ।

ଅଶ୍ୱଗନ୍ଧାର ଚେରକୁ ଶୁଖାଇ, ଗୁଣ୍ଡକରି ସମପରିମାଣର ଗୁଆଘିଅ ଓ ବିଶୁଦ୍ଧ ମହୁ ସହିତ ଖାଇଲେ, ପୁରୁଷର ଧ୍ୱଜଭଙ୍ଗ ଦୂର ହୁଏ । ବୀର୍ଯ୍ୟ ଶୁକ୍ର ଉତ୍ପାଦନ କ୍ଷମତା ବୃଦ୍ଧି ହୋଇଥାଏ । ଚେରରୁ ଅର୍କ ସଂଗ୍ରହ ପରେ ତା'ସହ ଗାଈକ୍ଷୀର ଓ ଗୁଆ ଘିଅ ମିଶାଇ ଖାଇଲେ, ଶରୀର ହୃଷ୍ଟ ପୁଷ୍ଟ ହୋଇଥାଏ । ଚେର ଓ ପତ୍ରକୁ ବ୍ୟବହାର କରି ଫୁସ୍‌ଫୁସ୍‌ର ବାୟୁକୋଷ ଗୁଡ଼ିକର ସ୍ଥିତି ଯୋଗୁଁ ଶ୍ୱାସକ୍ରିୟା କଷ୍ଟକର ହେବା ଅବସ୍ଥା ନିୟନ୍ତ୍ରଣ କରାଯାଇଥାଏ ।

ଏହାର ଫଳ ଘା' ଶୁଖାଇବାରେ ବ୍ୟବହାର ହୋଇଥାଏ। ଏହାବ୍ୟତୀତ, ଆଜ୍‌ମା, ବୁନ୍ଦା ବୁନ୍ଦା ମୂତ୍ରତ୍ୟାଗ ଅବସ୍ଥା ଓ ଶରୀରରେ ପିତ୍ତ ଅଧିକ ହେତୁ ଅବସାଦ ରୋଗରେ ପୀଡ଼ିତ ରୋଗୀମାନେ ମଧ୍ୟ ଉପକାର ପାଇଥାନ୍ତି। ପାଚିଲା ଫଳଗୁଡ଼ିକ ମଧ୍ୟ ବେଦନା ନାଶକ ବା ପ୍ରଶାମକ ଏବଂ ମନକୁ ଶାନ୍ତି ପ୍ରଦାନକାରୀ ଔଷଧ ରୂପେ ବ୍ୟବହାର କରାଯାଇଥାଏ। ଗୋଲାକାର ଫଳକୁ ସତେଜ ଅବସ୍ଥାରେ ଖାଇ ବାନ୍ତି କରାଯାଇଥାଏ। କିନ୍ତୁ ଏହି ଫଳକୁ ଶୁଖିଲା ଅବସ୍ଥାରେ ଖାଇଲେ ଏହା ଅଗ୍ନିବର୍ଦ୍ଧକ ଓ କ୍ଷୁଧାକାରକ ହୋଇଥାଏ। ଅଳ୍ପ ପରିମାଣରେ ଖାଇଲେ ଅଗ୍ନିମାନ୍ଦ୍ୟ ବା ଅଜୀର୍ଣ୍ଣ ରୋଗ ଓ ଉଦରୀର ବାୟୁପୂର୍ଣ୍ଣ ଅବସ୍ଥା ସହ ପେଟମରା ରୋଗ ଭଲ ହୋଇଥାଏ। କ୍ଷୀରକୁ ଘନୀଭୂତ କରିବାରେ ମଧ୍ୟ ସାହଯ୍ୟ କରିଥାଏ। ମଂଜିଗୁଡ଼ିକ ମୂତ୍ରକାରକ। ଏତଦ୍‌ବ୍ୟତୀତ ସ୍ତ୍ରୀଲୋକମାନଙ୍କର ମାସିକ ଋତୁସ୍ରାବର ପରିମାଣକୁ ବୃଦ୍ଧି କରିଥାଏ। ଅଣ୍ଟା, ଗଣ୍ଠି ଓ ଆଖିଧରା ରୋଗକୁ ଭଲ କରିବାରେ ସାହାଯ୍ୟ କରିବା ସହିତ ଅର୍ଶରୋଗର ଫୁଲା ଅବସ୍ଥାକୁ ପ୍ରତିହତ କରିଥାଏ। ପ୍ରକୃତରେ ଅଶ୍ୱଗନ୍ଧା ଏକ ବଳବର୍ଦ୍ଧକ ରସାୟନ। ଏହା ରକ୍ତ, ମାଂସ, ମେଦ, ଶୁକ୍ର ଆଦି ଶପ୍ତଧାତୁର ପୋଷକ ଅଟେ। ପୂରାତନ ଯୁଗରେ ଚ୍ୟବନ ଋଷିଙ୍କର ଅଁଳା ସେବନ ଦ୍ୱାରା, ଯଯାତିଙ୍କର ଅଶ୍ୱଗନ୍ଧା ଏବଂ ଶତାବରୀ ସେବନ ଦ୍ୱାରା କାୟାକଳ୍ପ କରାଯାଇଥିଲା। କାୟାକଳ୍ପ ଅର୍ଥ ଉପଚାର ମାଧ୍ୟମରେ ବ୍ୟକ୍ତିର ସ୍ୱରୂପ ବଦଳାଇ ଦେବା, ନୂତନ ଜୀବନ ପ୍ରାପ୍ତହେବା, ଉଭୟ ଶରୀର ଓ ମନକୁ ସ୍ୱାଭବିକ ପ୍ରକ୍ରିୟାକୁ ଆଣି ଜାଗ୍ରତ ରଖିବା।

♠♠♠







# ଅଷାଢୁଆ

## *Capparis zeylanica*



ବନସ୍ପତି (ବୈଷୟିକ) ନାମ

**କାପାରିସ୍ ଜିଲାନିକା**

ଉଦ୍ଭିଦ ଜଗତ ପରିବାର

**କାପାରିଡ଼େସି (Capparidaceae)**



♠ **ବନସ୍ପତି (ବୈଷୟିକ) ନାମ :** କାପାରିସ୍ ଜିଲାନିକା *(Capparis zeylanica)*

♠ **ଉଦ୍ଭିଦ ଜଗତ ପରିବାର :** କାପାରିଡ଼େସି *(Capparidaceae)*

♠ **ଇଂରାଜୀରେ ନାମ :** ସିଲୋନ୍ କେପର, ଇଣ୍ଡିଆନ୍ କେପର

♠ **ସଂସ୍କୃତରେ ନାମ :** ଗନ୍ଧାରୀ, ଅହିମଶ୍ରା, ବ୍ୟାଘ୍ରନଖୀ, ଗୋବିନ୍ଦ ଫଳ, କଣ୍ଟକ ଫଳ, କରମ୍ଭା, ଗ୍ରନ୍ଥିଲା, କଟୁକଣ୍ଡାରି, କିକ୍କଣୀ, ବରତଳା, ତାପସପ୍ରିୟା,ବ୍ୟାଘ୍ରଘଣ୍ଟି, କୃଷଙ୍ଗୀ, ଆର୍ଜଟା।

♠ **ଓଡ଼ିଆ ନାମ :** ଅଷାଢୁଆ, ଆଷାଢୁଆ, ଆଶାଦୁଆ, ଓଶେରୁଆ, ହାତୀନୁଙ୍କୁଳା, ଶାବୀ, କୋହ୍ଲ - ଗୀତାରଣା



♠ **ଭାରତର ବିଭିନ୍ନ ଆଞ୍ଚଳିକ ଭାଷାରେ ନାମ :** ହିନ୍ଦି - ଆରାଦାଣ୍ଡ, ବଉରୀ, ଜିଟୋରାନ, ଗୋବିନ୍ଦ ଫଳ, କନ୍ନଡ଼ - ମୁଲୁକଟାରୀ, ଗାଟେନ୍ନା, ମରାଠୀ - ଆରଦାଣ୍ଡୀ, ଗୋବିନ୍ଦୀ,ତାରାମାଟି, ଭଗତୀ, ଭାଗାନ୍ତ, ତାମିଲ - ଅଦୋଣ୍ଡାଇ, ସୁଦୁଥୋରାଟି, ମୋରାନ୍ଦନ, ଏକାଥାରୀ, କାଥୋଟି, ଆତୋଣ୍ଡା, ଆଡ଼ୋଣ୍ଡା, ତେଲୁଗୁ - ପଲ୍ଲକୀ, ଆରିଦୋଣ୍ଡା, ଗୁଜୁରାଟୀ - କାରାଲୁରା, ରାଜସ୍ଥାନୀ - ଜିଟୋରାନ୍।

♠ **ଆୟୁର୍ବେଦିକ ଏକାର୍ଥ-ବାଚକ ଶବ୍ଦ :** ବ୍ୟାଘ୍ରନଖୀ, ଅହିହିଂସ୍ରୀ।

♠ **ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

| | |
|---|---|
| ଗୁଣ - ଲଘୁ, ରୁକ୍ଷ | ବିପାକ - କଟୁ |
| ରସ - କଟୁ, ତିକ୍ତ | ବୀର୍ଯ୍ୟ - ଉଷ୍ଣ |
| ଦୋଷକର୍ମ - କଫ, ବାତଶାମକ | |



♠ **ବାଣିଜ୍ୟିକ ନାମ :** (ଏହା ବାଣିଜ୍ୟ ଉପଯୋଗୀ ନୁହେଁ )

♠ **ବ୍ୟବହୃତ ଅଂଶ :** ଚେର, ଚେରର ଛାଲି, ଛାଲି, ଫଳ, ପତ୍ର ଓ ମଂଜି

♠ **ରାସାୟନିକ ସଂଗଠନ :** ଆୟୁର୍ବେଦିକ ଔଷଧ ମଧ୍ୟରେ ଅଷାଢୁଆ (Capparis zeylanica) କୁ ଏକ ରସାୟନ ଭାବେ ଗ୍ରହଣ କରାଯାଇଛି । (ଏହା ଗୋଟିଏ ଆଲକାଲଏଡ୍, ଗୋଟିଏ ଫାଇଟୋଷ୍ଟେରୋଲ୍ ଗଛରୁ ନିର୍ଗତ ଅଠାଳିଆ ପଦାର୍ଥ ଅଠା ବା କ୍ଷୀର, ପାଣି, ଦ୍ରବଣୀୟ ହୋଇଥିବା ଏସିଡ୍, ଏଲ୍ - ଷ୍ଟାକିଡ୍ରାଇନ, ରୁଟିନ ଏବଂ (ବିଟାଚିହ୍ନ ଦିଆଯିବ) ଶିଷୋଷ୍ଟେରୋଲ ମିଳିଥାଏ ।

ମଞ୍ଜି ଏବଂ ପତ୍ରରୁ ଥାଏଗ୍ଲୁକୋସାଇଡ୍ ଗ୍ଲୁପୋପାପାରିନ, ୩-ଟାଓକଷ୍ଟେନ, ଏ - ଆସରିନ ଏବଂ କିଛି ଅପରିବର୍ତ୍ତନୀୟ ତୈଳ (fixed oil) ମିଳିଥାଏ ।





Phyto-chemical ଯାଞ୍ଚକରି ଜଣାଯାଇଛି ଯେ ଏହି ଲତାରେ ଫ୍ୟାଟି ଏସିଡ୍, ଫ୍ଲାଭୋନଏଡ୍, ଟ୍ୟାନିନ, ଆଲକାଲଏଡ୍, ଭାନିଲିକ, ଏସିଡ୍, ପେରଲିକ ଏସିଡ୍ ଏବଂ p- କଉମାରିକ ଏସିଡ୍ ରହିଛି । ଏଇ ଅଳ୍ପଦିନ ପୂର୍ବରୁ ଜଣାପଡ଼ିଛି ଯେ ଅଷାଢୁଆ ଗଛ ଚେରରେ ଏକ ଇ-ଅକ୍ଟେଡ଼େକ-୭ଇଏନ.-୫ ynoic ଏସିଡ୍ ନାମକ ପଦାର୍ଥ ଅଟେ ।)

♠ **ଉଭିଦର ପ୍ରାକୃତିକ ଆବାସ :** ଏହି ଲତାଟି ଭାରତ ବର୍ଷର ବ୍ୟାପକ ଅଂଚଳରେ ଯେଉଁଠାରେ ଜଳବାୟୁ ଶୁଷ୍କ, ସେଇଠାରେ ଦେଖିବାକୁ ମିଳେ । ତେବେ ଛୋଟ ଛୋଟ ବୁଦା ବା ଗୁଳ୍ମର ବାଡ଼ ହିସାବରେ ବହୁତ ଦେଖିବାକୁ ମିଳିଥାଏ । ଚାଷୀମାନେ ଆବଦ୍ଧ କରିଥିବା ବାଡ଼ମାନଙ୍କରେ ଏହି ଲତା ଦେଖିବାକୁ ମିଳିଥାଏ । ଭାରତର ପୂର୍ବପଟକୁ ମିଆଁମାରଠାରୁ ଡାଇନନ୍ ଏବଂ ଦକ୍ଷିଣ ପଟକୁ ଥିବା ଶ୍ରୀଲଙ୍କା, ଇଣ୍ଡୋଚାଇନିଜ୍, ପେନିନ୍ସୁଲାଠାରୁ ଆଣ୍ଡାମାନ୍ ଓ ମାଲେସିଆ ପର୍ଯ୍ୟନ୍ତ ପରିବ୍ୟାପ୍ତ ।

ଓଡ଼ିଶରେ ଚିଲିକା ଦୀପ ସମୂହ, ଗଂଜାମ ଜିଲ୍ଲା ସୁରଂଗୀ ଅଂଚଳ, ଶିମିଳିପାଳର ପୋଡ଼ାଡ଼ିଆ ଓ ରାୟଗଡ଼ା ଜିଲ୍ଲାରେ ଏହି ଲତା ବହୁ ପରିମାଣରେ ଦେଖିବାକୁ ମିଳେ ଏବଂ ଉତ୍କୃଷ୍ଟ ଭାବରେ ବଢୁଥିବାର ଲକ୍ଷ୍ୟ କରାଯାଇଛି ।

♠ **ସ୍ୱରୂପ ବା ପରିଚୟ :** ଏହି ଲତା ଆରୋହଣ କରି ଆଗକୁ ଆଗକୁ ଅଗ୍ରସର ହେବାପାଇଁ ପ୍ରବଳ ଚେଷ୍ଟା କରିଥାଏ । ଏହି ଲତା ୨ ରୁ ୫ ମିଟର ଲମ୍ବ ହୋଇଥାଏ । Secondary and tertiary nerves prominent ହୋଇଥାଏ । ଏହି ଲତାର ତରୁଣ ଅଂଶଗୁଡ଼ିକ ଗାଢ଼ ଲାଲ ରଂଗର ହୋଇଥାଏ । ସମୟକ୍ରମେ ସବୁଜ ରଂଗ ଧାରଣ କରିଥାଏ । ଏହି ଲତାର ବହୁତ ଶାଖାଥାଏ । ଶାଖା କାଣ୍ଡଟି ଟାଣୁଆ ଓ ଅମସୃଣ । କାଣ୍ଡଟି ବାଦାମୀ ଲାଲରୁ ଧୂସର ରଂଗ ହୋଇଥାଏ । କାଣ୍ଡର ଶାଖାଗୁଡ଼ିକ ବିଶୃଂଖଳିତ ଭାବରେ ଥାଏ । ଶାଖାରେ ଥିବା ଲୋମଗୁଡ଼ିକର ଶୀଘ୍ର ପତନ ଘଟିଥାଏ । ବିଶେଷ ଭାବରେ ବଢ଼ିଥିବା ଲତାର ବକ୍ର ଉଦ୍‌ଗତି କଣ୍ଟା ମଧ୍ୟ ଥାଏ । ଏହି କଣ୍ଟାଗୁଡ଼ିକ ୩ - ୬ ମିଲିମିଟର ହୋଇଥାଏ । ତରୁଣ କାଣ୍ଡଟି rusty tomentoes ଓ କଟୁଯୁକ୍ତ ଗନ୍ଧ ହୋଇଥାଏ । ଏହି ଲତାର ପତ୍ରଗୁଡ଼ିକ ଲମ୍ୱାଳିଆ ଓ ଅଣ୍ଡାକାର ସଦୃଶ । ପତ୍ରର ଲମ୍ବ ୨.୫ ରୁ ୧୨ ସେ.ମି., ଚଉଡ଼ା ୨ ରୁ ୭ ସେ.ମି. ଓ ପତ୍ରର ବୃନ୍ତ ପ୍ରାୟ ୧.୫ ସେ.ମି. ଲମ୍ୱା ହୋଇଥାଏ । ପତ୍ରର ଅଗ୍ରଭାଗ refuse having a bluntly rounded apex with a central notch କିମ୍ୱା mucronate ହୋଇଥାଏ । ପତ୍ରର ରଂଗ ପାଉଁଶିଆ ଓ ହଳଦୀ ମିଶା ଥାଏ । ପତ୍ରର ଧାର ବା ପତ୍ରର stipule basal appendang of a leaf petiole ଗୁଡ଼ିକ ପଛକୁ ବକ୍ର ହୋଇଥାଏ । ସେମାନେ ମଧ୍ୟ photosynthesis କରିଥାନ୍ତି ଏବଂ ମଧ୍ୟ auxillary bud କୁ ମଧ୍ୟ ସୁରକ୍ଷା ଦେଇଥାନ୍ତି ।



ଫୁଲ - ଏହି ଲତାର ଫୁଲ ବହୁତ ସୁନ୍ଦର which has essentially spreading spray of pink white stamens are 4 - 5 cm across and appear solitary in leaf axils. ଫୁଲଟି ଗୋଟିକିଆ କିମ୍ୱା ଗୋଛାକାର ଭାବରେ ଦୁଇରୁ ତିନି ପର୍ଯ୍ୟନ୍ତ ହୋଇଥାଏ । ବେଳେବେଳେ ଯୋଡ଼ା ହିସାବରେ ମଧ୍ୟ ଦେଖାଯାଇଥାଏ । ଫୁଲର ବ୍ୟାସ ପ୍ରାୟ ୩ ରୁ ୫ ସେ.ମି. ହୋଇଥାଏ । ଫୁଲର ରଂଗ ଧଳା କିନ୍ତୁ ଫୁଲଟି ଫିକା ହୋଇଆସିଲା ବେଳକୁ ଗାଢ଼ ପାଟଳ ରଂଗର ହୋଇଥାଏ । Flowers yellowish-white or white in supra auxillary, solitary, 2 - 3 peduwculate, beannies globose. ଫେବୃଆରୀ ରୁ ଏପ୍ରିଲ୍ ମଧ୍ୟରେ ଫୁଲ ହୋଇଥାଏ । ତେବେ ଖରାଦିନେ ଅଧିକ ଦେଖିବାକୁ ମିଳିଥାଏ ।

ଫଳ - ଫଳଟି ଚିକ୍କଣିଆ, ଗୋଲାକାର, ଫଳର ଲମ୍ବ ୫ ସେ.ମି. ଓ ବ୍ୟାସ ୩ ରୁ ୪ ସେ.ମି. ହୋଇଥାଏ । ବୀଜକୋଷ prominent ମୋଟାକାରର ଓ ଟାଣୁଆ । ଫଳଟି ପାଚିଲେ ରକ୍ତବର୍ଣ୍ଣ ପରି ହୋଇଥାଏ । ସମୟକ୍ରମେ କମଳା ରଂଗ ଧାରଣ କରିଥାଏ । ମେ, ଜୁନ୍ ଓ ଜୁଲାଇ ମାସରେ ଏହା ପାଚିଥାଏ । ତେବେ, ବର୍ଷାଋତୁରେ ବହୁତ ଫଳ ଦେଖିବାକୁ ମିଳିଥାଏ ।

ମଂଜି -ଏହି ଲତାରୁ ୪ ରୁ ୫ ସଂଖ୍ୟକ ମଂଜି ମିଳିଥାଏ । ଫଳଟିର ବ୍ୟାସ ପ୍ରାୟ ୫ ମିଲିମିଟର ହୋଇଥାଏ ।

♠ **ପୁଷ୍ଟ ସଂକ୍ରାନ୍ତ ବିଶେଷ ଗୁଣ :**

♠ **ବଂଶ ବିସ୍ତାର :** ବୀଜ (ମଞ୍ଜୀ) ବପନ କରି ।

♠ **ରୋଗ ଏବଂ ରୋଗ ଉପଶମପାଇଁ ଔଷଧୀୟ ପ୍ରୟୋଗ :** ଏହି ଆଷାଢୁଆ ଲତାର ବହୁ ଅଂଶ ବିଭିନ୍ନ ପ୍ରକାର ରୋଗରେ ବ୍ୟବହାର ହୋଇଥାଏ । ଏହି ରୋଗଗୁଡ଼ିକ ହେଲା - ଆମବାତ ଓ ଗଣ୍ଠିଫୁଲା, ଦେହରେ ଫୁଲିଥିବା ଅଂଶ, ଦୈହିକ ଓ ମାନସିକ ଯନ୍ତ୍ରଣା, ପକ୍ଷାଘାତ, ସ୍ନାୟବିକ ଯନ୍ତ୍ରଣା, ଶୂଳବେଦନା ଉପଶମ କରିବା ଗୁଣ, ଦେହର କ୍ଷତ ଶୁଖାଇବା ଗୁଣ, ଫୁସ୍‌ଫୁସ୍ ଝିଲିର ପ୍ରଦାହ, ଉଦରୀ ରୋଗପାଇଁ, ସ୍ତ୍ରୀଲୋକମାନଙ୍କର ବକ୍ଷସ୍ଥଳ ଯନ୍ତ୍ରଣା ।

ମୂଳ ଓ ଛେଲିର ଚକଟା ପିଠଉ ଅଣ୍ଡକୋଷରେ ଫୋଟକା, ଦାହନାଶକ, ବେଦନାନାଶକ, ଜ୍ୱାଳାନାଶକ, ଅଗ୍ନିବର୍ଦ୍ଧକ ବା କ୍ଷୁଧାକାରକ ଏବଂ କ୍ଷୁଧାବର୍ଦ୍ଧକ କାର୍ଯ୍ୟକରେ ।

ଚେରର ଚୋପା - root bark is demulcent, sedative, stomachic, କ୍ଷୁଧାବର୍ଦ୍ଧକ and finds useful in internal application in colic. It is antihidrotic, bitter, cholagogue ଏବଂ କଲେରା ରୋଗରେ ବ୍ୟବହାର ହୋଇଥାଏ । root bark is demulcent ଏବଂ କ୍ଷୁଧାବର୍ଦ୍ଧକ ।

ପତ୍ର – ଏହା ଶରୀରର ଉତ୍ତେଜନା ପ୍ରଶାମକ । ଏହାର ଚକଟା ପିଠଉ/ ମଣ୍ଡ ଅଣ୍ଡକୋଷ ଫୁଲିଥିବା ଜାଗାରେ ଲଗାଇଲେ ଉପଶମ ମିଳିଥାଏ । ସେହିପରି ଏହାର ବ୍ୟବହାର ଯୋଗୁଁ ଅର୍ଶରୋଗ ଏବଂ ବ୍ରଣ ବା ବଥ ରୋଗ ଭଲ କରାଯାଇଥାଏ ।

ପତ୍ରର ଅର୍କ – ପତ୍ରର ଅର୍କ ବ୍ୟବହାର କରି ସିଫିଲସ(ଯୌନ ରୋଗ) ରୋଗ ଭଲ କରାଯାଇପାରେ ।

ପତ୍ର ଏବଂ ଛାଲି – ପତ୍ର ଓ ଛାଲିକୁ ବାଟି, ଗରମ କରି, ସନ୍ଧିବାତ ଓ ଗଣ୍ଠିବାତ ଉପଶମ ହୁଏ ।

ଶୁଷ୍କ ଫଳ ଓ ମୂଳ – ଶୁଷ୍କ ଫଳ ଓ ମୂଳକୁ ଚୂର୍ଣ୍ଣକରି ଉଷୁମ ପାଣି ପାନ କଲେ ସୁଖରେ ବିରେଚନ ହୁଏ ।

ସତେଜ ଫଳ – ସତେଜ ଫଳକୁ ତେଲରେ ଭାଜି ଖାଇଲେ ଅରୁଚି, ଅଗ୍ନିମାନ୍ଦ୍ୟ ଓ କୃମିରୋଗରେ ଉପକାରରେ ଲାଗେ ଏବଂ କୋଷ୍ଠ ପରିଷ୍କାର ହୁଏ ।

♠♠♠





# ସାହାଡ଼ା

*Streblus asper*



ବନସ୍ପତି (ବୈଷୟିକ) ନାମ

**ଷ୍ଟ୍ରେବଲସ ଅଶପର**

ଉଦ୍ଭିଦ ଜଗତ ପରିବାର

**ମୋରେସି (Moraceae)**



♠ **ବନସ୍ପତି (ବୈଷୟିକ) ନାମ :** ଷ୍ଟ୍ରେବଲସ ଅଶପର *(Streblus asper)*

♠ **ଉଦ୍ଭିଦ ଜଗତ ପରିବାର :** ମୋରେସି *(Moraceae)*

♠ **ଇଂରାଜୀରେ ନାମ :** ଶିଆମିଜ ରଫବୁଶ, ଶିଆମିଜ ରଫବୁଶ, ଷ୍ଟ୍ରେପ ପ୍ଲସ ଆସପର, ଟୁଥବ୍ରସ ଟ୍ରି ।

♠ **ସଂସ୍କୃତରେ ନାମ :** ଶକୋତାହ, ପାଟ୍ରୋଲି ଖଟାରୁହ, କର୍କଶଛଦ, ପୀତଫଳ, ପୀତଫଳକ, ଭୂଣବାସ, କ୍ଷୀରନାଶ. ଶାଖୋଟ ।

♠ **ଭାରତୀୟ ନାମ :** ହିନ୍ଦୀ – ଶିହୋରା, ଡହିୟା, କୋରିଆ, ଡାହିଆ, କାଥବେରା, ଖୋରୁଶ, ମିଟଲମାରେ, ଶିଓରା, ଶୋରା । କନ୍ନଡ଼ – ମିଟିଲମରା, ପୁଞ୍ଜି, ପେନାଲିଗେ, ମିଟିଲି, ପୁଞ୍ଜାଇ, ମିଟିଲଗିଡା,ପୁଞ୍ଜୀ, ମିତାଲା । ମାଲୟଲମ୍ – ପରୁଭ, ଶଖୋଭ୍ରେକଶମ୍, ପାରାକମ୍, ପରଭା, ପାରେଇକୋଭ, ପରଭା, ପାରୁକା, ପରୁଭା, ପରୁଭାମରମ୍, ଶଖୋ ଟାଙ୍କ୍ଷ । ତାମିଲ – ପିରୟମରମ, କୁରିପିଲ୍ଲା, କୁଟିପିଲ୍ଲା, ପଶୁନା, ପୀର, ପିରାଶୁ, ପିରୟମ୍, ପୁକ୍କି, ପୁରା, ପିରଶୁ, ଭିଡିଲ, ପଟି-ପ-ପଲା, କୁଟ୍ଟପିରାଇ, ପଶୁନା, ପୁକ୍କି, ଭିଟଲ । ତେଲୁଗୁ – ବାରିଣିକେଶୁଟୁ, ବାରିଙ୍କି, ପାକ୍କି, ବାରିଙ୍କା, ବରେନକାଟଚ୍ଛେ, ପାକ୍କି, ଭରଣି କେଟୋଟୁ, ଚୁକଲି, ଭରିଭେଙ୍କଟେଟ୍ଟୁ,ବାରିଙ୍କି, ପାକ୍କି, କାକାବେଡ଼ି, ସୀତାଙ୍କି । ବେଙ୍ଗଲି – ଶିହୋରା, ଶିଓରା, ସେବଡ଼ା । ମରାଠୀ – କାରେରା, ଖରାଲି, ଖରଓଟା, ଖରୋଟା, ଖରୋଟି, ପରାୟା, ପୋଇ । ଆସାମିଜ୍ – ଶୋମ୍ବରା, ଖରାଞ୍ଜୁବୋଲ, ଖୋରୁଆ । ଗାରୋ – ଖରାଞ୍ଜୁ-ବୋଲ, ଖାସି – ଡିଏଙ୍ଗ-ଗୋହଖ୍ରଡ଼ଙ୍ଗ ।





♠ **ଓଡ଼ିଆ ନାମ :** ସାହାଡ଼ା, ଗୋଲକ ବୃକ୍ଷ, ହିରୋଡୋନିବ୍ରନୁ, ସଂହୁଡା ।

♠ **ଆୟୁର୍ବେଦିକ ଏକାର୍ଥ-ବାଚକ ଶବ୍ଦ :** ପାଟ୍ରୋଲେଖଟରୁ, ଭୂତାବାସ, ପିତଫଳ, ୟୁକାବାସ, ଶଂଖିନୀବାସ ।

♠ **ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

| | |
|---|---|
| ଗୁଣ - ଲଘୁ, ରୁକ୍ଷ | ବିପାକ - କଟୁ |
| ରସ - ତିକ୍ତ, କଷାୟ | ବୀର୍ଯ୍ୟ - ଉଷ୍ଣ |

ଏହା ବାତଶ୍ଳେଷ, ଅତିସାର, କଫ, ଅର୍ଶ ଓ କୁଷ୍ଠ ପ୍ରଭୃତି ରୋଗନାଶକ ।

ବାଣିଜ୍ୟିକ ନାମ : ସିଆମେସ ରଫ-ବୃଶ ।

ବ୍ୟବହୃତ ଅଂଶ : ଛାଲି, ଚେରର ଚୋପା, ଚୋପା, ପତ୍ର ଏବଂ ଅଠା ।



♠ **ରାସାୟନିକ ସଂଗଠନ :**

ବଲ୍କଳ - ବଲ୍କଳରେ କାର୍ଡ଼ିଓ ଆକ୍‌ଟିଭ୍ ଗ୍ଲାଇକୋସାଇଡ୍, ଷ୍ଟ୍ରିକ୍ଲୋସାଇଡ଼ ଏବଂ ଆସପିରେସାଇଡ୍ ଥିବାର ସୂଚନା ମିଳିଛି । ଏତଦ୍‌ବ୍ୟତୀତ, ପ୍ରିଗାନେଗ୍ଲାଇକୋସାଇଡ଼ୋ, ସରୋସାଇଡ଼ୋ ମଧ୍ୟ ରହିଛି ।

ଚେରର ବଲ୍କଳ - ଚେରର ବଲ୍କଳରେ କମଲୋ ସାଇଡ୍, ଆସ୍‌ପିରୋସାଇଡ଼, ଇଣ୍ଡ୍ରୋସାଇଡା, ଲୁକନୋସାଇଡ଼ ତତ୍‌ସହ ଆମରଫସ୍ ଗ୍ଲାଇକୋସାଇଡ଼ ... କାନୋଡ଼ିମିଥୋସାଇଡ଼, ଷ୍ଟ୍ରୋଫାଲୋସାଇଡ଼, ଗ୍ଲୁକୋଜିଟୋଡ଼ାଇ-ମିଥୋସାଇଡ଼, ଷ୍ଟ୍ରୋଫାନୋଲୋସାଇଡ଼, ଗ୍ଲୁକୋକାମାଲୋସାଇଡ଼, ସମଥୋସାଇଡ଼ ଏବଂ ଗ୍ଲୁକୋଷ୍ଟ୍ରିବ୍ଲୋସାଇଡ଼ ଗଛରୁ ବିଚ୍ଛିନ୍ନ କରାଯାଇ ଅଲଗା ରାସାୟନିକ ପଦାର୍ଥ ଭାବରେ ପୃଥକ କରାଯାଇଛି ।



♠ **ଉଦ୍ଭିଦର ପ୍ରାକୃତିକ ଆବାସ :** ଏହି ଗଛ ସମୁଦ୍ର ପତ୍ତନଠାରୁ ୧୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଶୁଷ୍କ ଅଂଚଳରେ ଦେଖିବାକୁ ମିଳେ। ଭାରତରେ ନଦୀ, ଝରଣା କୂଳ, ବାର୍ଷିକ ପତ୍ରଝଡ଼ା ଓ ଖୋଲା ଜଂଗଲ, ଚିରସବୁଜ ଜଂଗଲ, ପାହାଡ଼ିଆ ଜଂଗଲ, ମିଶ୍ରିତ ଜଂଗଲ, ଆଦ୍ରତାପୂର୍ଣ୍ଣ ବାର୍ଷିକ ପତ୍ରଝଡ଼ା ଜଂଗଲ, ସମତଳ ଅଂଚଳ, ରାସ୍ତାପାର୍ଶ୍ୱ, ଝାଟିବଣ ବା ବୁଦୁବୁଦୁକିଆ ଜଂଗଲ, ଘଂଚ ଝାଟିକିଆ ଜଂଗଲ, ଗ୍ରୀଷ୍ମମଣ୍ଡଳୀୟ ଜଂଗଲ ଓ ଗାଁ ସରହଦରେ ଦେଖିବାକୁ ମିଳେ। It is found in the drier parts of India. ହିମାଳୟର ପାଦଦେଶ ଏବଂ ଭାରତର ଉପଦ୍ୱିପାଂଚଳରେ ଦେଖାଯାଏ। ମୁଖ୍ୟତଃ ଭାରତର ଆନ୍ଧ୍ରପ୍ରଦେଶ, ଆସାମ, ଦିଲ୍ଲୀ, ହିମାଚଳ ପ୍ରଦେଶ, ଜାମ୍ମୁ ଏବଂ କାଶ୍ମୀର, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଂଜାବ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଂଗରେ ଦେଖିବାକୁ ମିଳେ।

ଭାରତର ବିଭିନ୍ନ ରାଜ୍ୟର ଜିଲ୍ଲାମାନଙ୍କରେ ଦେଖାଯାଉଥିବା ଏହି ଗଛ – ମହାରାଷ୍ଟ୍ରର ନାସିକ, ପୁନେ, ରାୟଗଡ଼, ରତ୍ନଗିରି ଓ ସିନ୍ଧୁଦୁର୍ଗ ଜିଲ୍ଲାରେ, କର୍ଣ୍ଣାଟକର ବେଲଗମ୍, ଚିକ୍‌ମାଗାଲୁର, କୁର୍ଗ, ଧରୱାର, ହାସାନ, ମହୀଶୂର, ଉତ୍ତର କାନରା, ସିମୋଗା, ଦକ୍ଷିଣ କାନରା ଜିଲ୍ଲାରେ, କେରଳର ଇଡୁକି, କସରାଗଡ଼,କୋଟାୟମ, କୋଟକୋଡ଼, ମାଲାପୁରମ୍, ପଲକଡ଼, ପଠାନମଥିତ୍ରା, ଆଲ୍ଲାପୂଜା, ଓଏନଡ଼ ଏବଂ ଥ୍ରିସୁର ଜିଲ୍ଲାରେ ଓ ତାମିଲନାଡୁର ସବୁ ଜିଲ୍ଲାମାନଙ୍କରେ ଦେଖାଯାଏ। ପୃଥିବୀର ଏସିଆ, ଦକ୍ଷିଣ ଆଫ୍ରିକା ମହାଦେଶରେ ତଥା ଶ୍ରୀଲଙ୍କା, ମିଆଁମାର, ଫିଲିପାଇନସ୍, ଦକ୍ଷିଣ ଚାଇନା, ଭିଏତ୍‌ନାମ, ଥାଇଲାଣ୍ଡ, ମାଲେସିଆ, ଭୂଟାନ୍, କାମ୍ବୋଡ଼ିଆ, ନେପାଳ ଆଦି ଦେଶରେ ଦେଖିବାକୁ ମିଳେ।

♠ **ସ୍ୱରୂପ ବା ପରିଚୟ :** ପ୍ରାଣୀ ଜଗତରେ ସୃଷ୍ଟିର ଧାରା ଅବ୍ୟାହତ ରଖିବାପାଇଁ ପୁରୁଷ ଓ ସ୍ତ୍ରୀ ସୃଷ୍ଟି ପ୍ରଭୁଙ୍କର ଏକ ଅମୂଲ୍ୟ ବରଦାନ। ଏହି ସୂତ୍ରରେ ବହୁ ପ୍ରାଚୀନ କାଳରୁ ଦିବ୍ୟଦୃଷ୍ଟି ସମ୍ପନ୍ନ ମୁନୀ ଋଷିମାନେ କେତୋଟି ନିର୍ଦ୍ଦିଷ୍ଟ ବୃକ୍ଷମାନଙ୍କୁ ପୁରୁଷ ଓ ନାରୀ ପର୍ଯ୍ୟାୟଭୁକ୍ତ କରିଛନ୍ତି। ବୃକ୍ଷର ଏହି ସମ୍ପ୍ରଦାୟ ମଧ୍ୟରେ ଅଛନ୍ତି ସାହାଡ଼ା ବା ସାହାଡ଼ା ସୁନ୍ଦରୀ। ଆମ ସମାଜରେ ଅଛି ବର-





ଅଶ୍ୱସ୍ଥ,କଂଚନ କୁମାରୀ ଉପାଖ୍ୟାନ ଓ ତାହା ମଧ୍ୟରେ ସାହାଡ଼ା ସୁନ୍ଦରୀ ସତେ ଯେପରି ସବୁବେଳେ ସେ ଷୋଡ଼ଶୀ ତରୁଣୀ।

ଏହା ଗୋଟିଏ ଶାଖା ପ୍ରଶାଖାଯୁକ୍ତ, କଠିନ କିନ୍ତୁ ଚିର ସବୁଜ ମଧ୍ୟମ ଧରଣର ବୃକ୍ଷ। ଏହି ବୃକ୍ଷ ପ୍ରାୟ ୧୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ। ଏହାର ଗୋଲେଇ ପ୍ରାୟ ୧.୫ ମିଟର ଓ ସିଧା ଗଣ୍ଡି ୪ ରୁ ୭ ମିଟର ପର୍ଯ୍ୟନ୍ତ ହୋଇଥାଏ। ଏହି ଗଛ ଧଳା କ୍ଷୀରଯୁକ୍ତ।

ଏହାର ଛାଲି ଆବଖାବୁଆ, ଅଚିକ୍କଣ ଓ ଈଷତ୍ ଧୂସର ରଂଗର କିନ୍ତୁ ବେଳେବେଳେ ଶାଗୁଆ ରଂଗର ହୋଇଥାଏ।

ପତ୍ରଟି ୧ ରୁ ୨ ସେ.ମି. ... ୦.୬ ରୁ ୫.୫ ସେ.ମି। ପତ୍ରର ଆକାର ଅଣ୍ଡାକାର, ଦନ୍ତୁରିତ ଓ ଅଗ୍ରଭାଗ ମୁନିଆ। ପତ୍ରର ନିମ୍ନ ଅଂଶ ସୁସ୍ପଷ୍ଟ ସୂକ୍ଷଶିରା ଦୃଶ୍ୟହୁଏ। ପତ୍ରର ଉଭୟ ପାର୍ଶ୍ୱ ଅମସୃଣ। ପତ୍ରର ପାର୍ଶ୍ୱରେ ୪ ରୁ ୬ ଯୋଡ଼ା ପର୍ଯ୍ୟନ୍ତ ଶିରା ଦେଖିବାକୁ ମିଳେ। ପତ୍ରର ତଳ ଭାଗରେ ଥିବା ଶିରାଗୁଡ଼ିକ ଦେଖିବାକୁ ସୁସ୍ପଷ୍ଟ। ପତ୍ରଗୁଡ଼ିକ ଛେଳିର ଉତ୍ତମ ଖାଦ୍ୟ।



ଫୁଲଗୁଡ଼ିକ ଦେଖିବାକୁ ଶ୍ୱେତବର୍ଣ୍ଣ । ମାର୍ଚ୍ଚ ଓ ଏପ୍ରିଲ ମାସରେ ପୁଷ୍ପ ହୁଏ ।

ଫଳ ହଳଦିଆ ରଂଗର ହୋଇଥାଏ । ମାଂସଳ ଓ ଗୋଲାକାର ଅଟେ । ଫଳର ବ୍ୟାସ ପ୍ରାୟ ୩.୭ ମି.ମି. ହୋଇଥାଏ । ମେ ଓ ଜୁନ୍ ମାସରେ ଫଳ ହୋଇଥାଏ । ଅକ୍ଟୋବର ମାସ ବେଳକୁ ପରିପକ୍ୱ ଫଳ ମିଳେ । ଫଳ ପାଚିଲାବେଳେ ହଳଦିଆ ରଂଗର ହୋଇଥାଏ । ଏହି ଫଳ ଖାଇବାକୁ ମିଠା, ଏଣୁ ଏହି ଫଳକୁ ମଧ୍ୟ ଖିଆଯାଇପାରେ ।

ଫଳ ମଧ୍ୟରେ ଏକମାତ୍ର ବୀଜ ଥାଏ । ମଂଜିର ରଂଗ ଶ୍ୱେତ ଓ ବେଳେବେଳେ ସବୁଜ ରଂଗର ବା ମିଶ୍ରିତ ରଂଗର ହୋଇଥାଏ । ଫଳର ଆକାର ଗୋଲାକାର ।



**♠ ପୁଷ୍ପ ସଂକ୍ରାନ୍ତ ବିଶେଷ ଗୁଣ :**

**♠ ବଂଶ ବିସ୍ତାର :**

**♠ ରୋଗ ଏବଂ ରୋଗ ଉପଶମପାଇଁ ଔଷଧୀୟ ପ୍ରୟୋଗ :**

ଚେର – The roots are astringent, bitter, acrid, thermogenic, vulnerary, anti-inflamatory, baemostatic, anticonvulsant, constipating, febifuge and antiseptic. They are useful to vitiated conditions of khapha, ulcers, sinusitis, inflamations, elephantiasis, boils, haemorrhages, haemoptysis, cough, bronchitis, convulsions, diarrhoea, dysentery, fever, syphilis and haemorrhoids.

ଚେରର ବାଟଣ – ସାହାଡ଼ା ଚେରକୁ ଦହିରେ ବାଟି ସ୍ତ୍ରୀଲୋକମାନେ ନିୟମିତ ସେବନ କଲେ ଅତ୍ୟଧିକ ରଜସ୍ରାବ ବନ୍ଦ ହୋଇଥାଏ ।

ଛାଲି – ସାହାଡ଼ା ଗଛର ଛାଲି କ୍ଷତ ଉପଶମ କାରକ, ମଳରୋଧକାରୀ ଏବଂ ଶରୀରର ତିକ୍ତଉତ୍ତେଜନାରୁ ମୁକ୍ତି ଦେଇଥାଏ । ଏଣୁ ଦୂଷିତ ପଚା ଘା'ସାହାଡ଼ା ଗଛର ଛାଲିକୁ କାଂଜିପାଣି ସହ ବାଟି ପାନ କଲେ ବାତ ଶୋଥ ନିବାରିତ ହୋଇଥାଏ । ଏହାକୁ ମଧ୍ୟ ବ୍ରଣଶୋଥ (ଦେହରେ କୌଣସି ସ୍ଥାନରେ ବ୍ରଣ ବାହାରିବା ଆଗରୁ ସେହିସ୍ଥାନ ଫୁଲିଗଲେ ତାକୁ ବ୍ରଣଶୋଥ କୁହାଯାଏ) ଉପରେ ଲେପ ଦେଲେ ଉପଶମ ମିଳିଥାଏ । The bark is vulnerary, anti-inflamatory and constipating and is useful in foul ulcers, diarrohoea, dysentery, inflamations and fever.

ଛାଲିର କ୍ୱାଥ – ଅତିରିକ୍ତ ତରଳ ଝାଡ଼ା, ଆମାଶୟ ଝାଡ଼ା ...... ଏବଂ ଜର ରୋଗର ଚିକିତ୍ସା କରାଯାଇଥାଏ । ଛାଲିର କ୍ୱାଥ ବ୍ୟବହାର କଲେ, ଯକୃତ ଓ ପ୍ଲୀହା ରୋଗ ଉପଶମ ହୋଇଥାଏ । ସାହାଡ଼ା ଛାଲିର କ୍ୱାଥକୁ ଗୋମୂତ୍ର ସହ ମିଶାଇ ପାନକଲେ ଗୋଦର ରୋଗ ଭଲ ହୋଇଥାଏ । ସାହାଡ଼ାଛାଲି କ୍ୱାଥକୁ ପାଟିରେ କୁଳି କଲେ ଦନ୍ତମୂଳ ବ୍ୟଥା ଓ ତଣ୍ଟିର ଦାହକାରକ ଅବସ୍ଥାରୁ ଉପଶମ ମିଳିଥାଏ ।

ପତ୍ରର ଭସ୍ମ / ପତ୍ରର ରସ – ସାହାଡ଼ା ଗଛର ପତ୍ରକୁ ବ୍ୟବହାର କରି ଗୋଇଠିରେ ହୋଇଥିବା ଆବରଣର ପ୍ରଦାହଯୁକ୍ତ ଅବସ୍ଥା (soreheels) କଟିଯାଇଥିବା ହାତ ଓ ରକ୍ତପ୍ରବାହରୁ ଉପଶମ ମିଳିଥାଏ । ଚର୍ମରୋଗ ବିଶେଷକରି ବିଇଁଚି (ଏଗ୍‌ଜିମା) ପରି ଚର୍ମରୋଗ ଉପଶମ ନିମନ୍ତେ ସାହାଡ଼ା ପତ୍ରର ଭସ୍ମ ସହ ପ୍ରାୟ ସମଭାଗର ଛେଳି ଲଣ୍ଡି ମିଶାଇ ଚୂର୍ଣ୍ଣକୁ ବ୍ୟବହାର କଲେ ବିଇଁଚି ଉପଶମ ହୋଇଥାଏ । ସାହାଡ଼ାର ପତ୍ର ରସ ସହ ଚିରେଇତା ଚୂର୍ଣ୍ଣ ଓ ଗୁଆଘିଅ ସେବନ କଲେ, ରକ୍ତପିତ ଦୋଷରୁ ହେଉଥିବା ଶ୍ୱାସ ନିବାରିତ ହୋଇଥାଏ ।

ମଞ୍ଜିର ଚୂର୍ଣ୍ଣ – ସାହାଡ଼ା ମଞ୍ଜିର ଚୂର୍ଣ୍ଣ ସହ ନିମ୍ବ ପତ୍ରର ଚୂର୍ଣ୍ଣ ଓ ଶୁଦ୍ଧ ମହୁର ବ୍ୟବହାର ଯୋଗୁଁ କାଛୁକୁଣ୍ଡିଆ ଓ ଯାଦୁ ଆଦି ଚର୍ମରୋଗ ଭଲ ହୋଇଥାଏ । ସାହାଡ଼ା ମଞ୍ଜିର ଚୂର୍ଣ୍ଣ ସହ ମହୁ ସେବନ କଲେ କାମ ଉତ୍ତେଜନା ଶାନ୍ତ ହୁଏ । ଏତଦ୍‌ବ୍ୟତୀତ ଉପଦଂଶ, ବ୍ରଣ, କାଖଗୋଳି ଓ ଭଗନ୍ଦର ଆଦି ରୋଗ ଶୀଘ୍ର ଦୂର ହୋଇଥାଏ ।

କ୍ଷୀର – ଆଖିରୁ ପାଣି ବାହାରିଲେ ବା ଗଲୁହେଲେ ସାହାଡ଼ା ଗଛର କ୍ଷୀରକୁ ଆଖିପତାରେ ଲଗାଇଲେ ଚକ୍ଷୁପୀଡ଼ା ନିବାରିତ ହୋଇଥାଏ । ଆଖି ମଧ୍ୟ ଥଣ୍ଡା ରହେ ।

ଗଛର ଛାଲି, ବଲ୍କଳ ଓ ପତ୍ର – ସାହାଡ଼ା ଗଛର ପତ୍ରକୁ ଶୁଖାଇ, କୁଟିକରି ଚୁନା କରି କିଛି ମହୁ ସହ ଖାଇଲେ ଅର୍ଶରୋଗରୁ ଉପଶମ ମିଳିଥାଏ ।

ଦାନ୍ତକାଠି – ସାହାଡ଼ା ଦାନ୍ତକାଠିରେ ଦାନ୍ତ ଘଷିଲେ ଦାନ୍ତ ଶକ୍ତ ହୁଏ, ଦାନ୍ତ ମୂଳର ଫୁଲା ଦରଜ ଓ ହଲିବା ନିବାରିତ ହୁଏ । ଦନ୍ତ ଅର୍ଶ, ମୁଖବିକାର କିମ୍ବା ଦନ୍ତମୂଳର ପୀଡ଼ା ଦୂର କରିବା ନିମନ୍ତେ ସାହାଡ଼ା ଗଛର ଦାନ୍ତକାଠି ବ୍ୟବହାର କରି ଦାନ୍ତ ଘଷିବା ଦରକାର । ନିୟମିତ ଭାବରେ ସାହାଡ଼ା ଗଛର ଦାନ୍ତକାଠି ବ୍ୟବହାର କଲେ ଜୀବନସାରା ଦାନ୍ତ ପଡ଼େନାହିଁ । ଏତଦ୍‌ବ୍ୟତୀତ ନାସା ରୋଗ (ପୀନସ) ଆଦି ରୋଗ ମଧ୍ୟ ଭଲହୁଏ । ଦାନ୍ତର ସୁରକ୍ଷା ଓ ଉପରୋକ୍ତ ରୋଗ ପ୍ରତିରୋଧ ବ୍ୟତୀତ, ସାହାରା ଦାନ୍ତକାଠିର ବ୍ୟବହାର ଯୋଗୁଁ ସମସ୍ତ ପ୍ରକାରର ଦୁଷ୍ଟ ଘା’ ମଧ୍ୟ ଭଲ ହୋଇଥାଏ । କୋଷ୍ଠକାଠିନ୍ୟ ମଧ୍ୟ ଦୂରହୋଇଥାଏ ।





# ଦାଣ୍ଡକେରଣ୍ଡା

*Barleria prionitis*



ବନସ୍ପତି (ବୈଷୟିକ) ନାମ

**ବରଲେରିଆ ପ୍ରାୟୋନିଟିଶ**

ଉଦ୍ଭିଦ ଜଗତ ପରିବାର

**ଆକାନ୍ଥେସି (Acanthaceae)**

**ବନସ୍ପତି (ବୈଷୟିକ) ନାମ :** ବରଲେରିଆ ପ୍ରାୟୋନିଟିଶ *(Barleria prionitis)*

**ଉଦ୍ଭିଦ ଜଗତ ପରିବାର :** ଆଙ୍କାଥେସି *(Acanthaceae)*

**ଇଂରାଜୀ ନାମ :** ପରକୁପାଇନ ଫ୍ଲାୱାର (Porcupine flower)

**ସଂସ୍କୃତ ନାମ :** କୁରଣ୍ଟ, କୁରଣ୍ଟକ, ସୈରେୟକ, ସହଚର, ଝିଣ୍ଟି, ଆର୍ତ୍ତଗଳ, କୁରୁବକ, ଦାସୀ, ବଜ୍ରଦନ୍ତୀ।

**ଓଡ଼ିଆ ନାମ :** ଦାଶକେରଣ୍ଟା, ଦାଶକେରଣ୍ଡା, ଉତ୍ତର ଓଡ଼ିଶାରେ ପିଞ୍ଜିଟିଗଣ୍ଡ

**ଭାରତୀୟ ନାମ :** ହିନ୍ଦୀ – ବଜ୍ରଦନ୍ତୀ, ଜିଣ୍ଟି, କାଟସଭେୟା, ପରୁଷ। ମରାଠୀ – ପୀଭଲି କୋରାଣ୍ଟି। ପଞ୍ଜାବୀ – ସାହାକାର। ତେଲୁଗୁ – ମୁଲ୍ଲୁଗୋରିଣ୍ଟା। ତାମିଲ୍ – କୁନ୍ଦନ, ଶେମ୍ମୁଲୀ, କଟ୍ଟୁ କଙ୍ଗାବରମ୍। କନ୍ନଡ଼ – ମୁଲ୍ଲୁଗୋରାଣ୍ଟି। ମାଲାୟାଲମ୍ – କୁଟ୍ଟି ଭେଟିଲା, ଶେମ୍ମୁଲୀ, ଚିମ୍ମୁଲୀ। ଗୁଜୁରାଟୀ – ପିଲିକାନ୍ତସିଲିଓ। ଆସାମୀ – ଶିନ୍ତି। ବେଙ୍ଗଲୀ – ପିତାଝିଣ୍ଟି।

**ଆୟୁର୍ବେଦିକ ଏକାର୍ଥ-ବାଚକ ଶବ୍ଦ :** ସୌରାୟା, କଣ୍ଟଶାରିକା, ସାହାଚର, କୁରନ୍ତକା।

**ଆୟୁର୍ବେଦିକ ସ୍ୱାଭାବିକ ଗୁଣ :**

ଗୁଣ – ଲଘୁ  ବିପାକ – କଟୁ

ରସ – ତିକ୍ତ, ମଧୁର  ବୀର୍ଯ୍ୟ – ଉଷ୍ଣ

ଏହା କଫ ଏବଂ ବାତଶାମକ, ଏହାର ସେବନ ଦ୍ୱାରା କୁଷ୍ଠ, ବାତ, ବ୍ରଣ, ଚର୍ମବିକାର, ଶ୍ୱାସ, କାଶ, ଜ୍ୱର, ଶ୍ୱଥ, ଅଗ୍ନିମାନ୍ଦ୍ୟ, ବାତ ରକ୍ତଦୋଷ, କଫ, କଣ୍ଡୁ ଓ ବିଷ ବିକାର ବିନିଷ୍ଟ ହୁଏ। କାନ୍ତି ବୃଦ୍ଧି ହୁଏ। ବଳି ପଳିତ ନିବାରିତ ହୁଏ ଏବଂ ଦାନ୍ତ ଓ କେଶର ଉପକାର ହୁଏ।

**ବାଣିଜ୍ୟିକ ନାମ :** କଣ୍ଟଶରାୟା



**ବ୍ୟବହୃତ ଅଂଶ :** ଚେର, ପତ୍ର, ଛାଲି, ଫୁଲ ଓ ପୂରା ଗଛ।

**ରାସାୟନିକ ସଂଗଠନ :** ପୂରା ଗୁଳ୍ମରୁ (ବିଟା)ସିଟୋଷ୍ଟେରୋଲ ନାମକ ରାସାୟନିକ ପଦାର୍ଥ ମିଳିଥାଏ। ଫୁଲରୁ ସ୍କୁଟେଲାରେନ୍ – ୭ – ରାମ୍‌ନୋସିଲଗ୍ଲୁକୋସାଇଡ଼ ମିଳିଥାଏ। ଉଭୟ ପତ୍ର ଏବଂ କାଣ୍ଡରୁ ୫ଟି ଇରିଡ଼ୋଏଡ଼ ଗ୍ଲୁକୋସାଇଡ଼ ମିଳିଥାଏ। ତନ୍ମଧ୍ୟରୁ ତିନୋଟି ମୁଖ୍ୟ ଉପାଦାନ ହେଲା (କ) ଇରିଡ଼ୋଏଡ଼ସ୍, (ଖ) ବାରଲେରିନ ଏବଂ (ଗ) ଆକ-ବାରଲେରିନ

**ଉଦ୍ଭିଦର ପ୍ରାକୃତିକ ଆବାସ :** ଏହା ବାଡ଼ ପାଖ ସନ୍ତସନ୍ତିଆ ସ୍ଥାନ, ନଦୀ କୂଳ, ଯେଉଁଠାରେ ବାଲିଆ ନିଗିଡ଼ା ମାଟିଥାଏ,ଦେଖିବାକୁ ମଳିଥାଏ। ପୃଥିବୀର ଟ୍ରପିକାଲ ଆଫ୍ରିକା ଏବଂ ଏସିଆ ମହାଦେଶରେ, ଭାରତର ସମସ୍ତ ଉତ୍ତପ୍ତ ଅଞ୍ଚଳରେ ତଥା କେରଳର ସମସ୍ତ ଜିଲ୍ଲାରେ, ମହାରାଷ୍ଟ୍ରର ଧୂଳେ, କୋହ୍ଲାପୁର, ନାସିକ, ପୁନେ, ରାୟଗଡ଼, ରତ୍ନଗିରି, ସତରା ଓ ଥାନେ ଜିଲ୍ଲାରେ, କର୍ଣ୍ଣାଟକର ଚିକମାଗାଲୁର, ମହୀଶୂର ଓ ସିମୋଗା ଜିଲ୍ଲାରେ, କେରଳର ଇଡୁକି, କନ୍ନୁର, କୋଲ୍ଲାମ, କୋଟେୟାମ, କୋଝିକୋଡ଼, ମାଲ୍ଲାପୁରମ୍, ପଲ୍ଲକ୍କଡ଼ ଓ ପାଥାନାମିଥିଟା ଜିଲ୍ଲାରେ, ତାମିଲନାଡୁର ସମସ୍ତ ଜିଲ୍ଲା, ରାଜସ୍ଥାନ। ଓଡ଼ିଶାର ସମ୍ବଲପୁର, ଭୁବନେଶ୍ୱର, ଗାଙ୍ଗପୁର, କୋରାପୁଟ, ଗଞ୍ଜାମ, ହରିଶଙ୍କର, ବଲାଙ୍ଗୀର, ଚିଲିକା ହ୍ରଦ ପାଖରେ, ଛୋଟ ଛୋଟ ପାହାଡ଼ିଆ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଚାଷୀମାନେ ଏହାକୁ ବାଡ଼ରେ ଲଗାଇ ଥାନ୍ତି।



**ସ୍ୱରୂପ ବା ପରିଚୟ :** ଏହା ଏକ କଣ୍ଟା ବୁଦାଳିଆ ଓ ଘନ ଶାଖା ପ୍ରଶାଖା ଯୁକ୍ତ ଗୁଳ୍ମ। ଏହି କଣ୍ଟକିତ ଗୁଳ୍ମ ପ୍ରାୟ ୬୦ ସେ.ମି. ରୁ ୧୫୦ ସେ.ମି. ଉଚ୍ଚତା ପର୍ଯ୍ୟନ୍ତ ହୋଇଥାଏ। ସାଧାରଣ ଭାବେ ଏହା ଏକ ଗଣ୍ଠିଯୁକ୍ତ। ଗାଁ ଗହଳୀର ବାଡ଼ମାନଙ୍କରେ ଏହା ଦେଖାଯାଏ। ବିଶେଷକରି ବାଡ଼ପାଖ ସନ୍ତସନ୍ତିଆ ସ୍ଥାନ, ନଦୀ କୂଳରେ ଦେଖିବାକୁ ମିଳେ। ଏହାର ସର୍ବାଙ୍ଗ ଔଷଧ ରୂପେ ବ୍ୟବହାର ହୋଇଥାଏ।

ଚେର – Roots are central tap type with lateral roots branching in all direction.

ଶାଖା – ଏହାର ଶାଖା ମୂଳରୁ ବାହାରିଥାଏ।

ଗଣ୍ଠି – ଏହି ଗଛର ପ୍ରତ୍ୟେକ ଗଣ୍ଠିରୁ ପତ୍ର, ଫୁଲ ଓ କଣ୍ଟା ବାହାରିଥାଏ।

କଣ୍ଟା – କଣ୍ଟା ଗୁଡ଼ିକ ପ୍ରାୟ ୨.୨ ରୁ ୫ ସେ.ମି. ଲମ୍ବ ହୋଇଥାଏ। (English part to be filled up)

ପତ୍ର – ପତ୍ରଗୁଡ଼ିକ ବାସଙ୍ଗ ପତ୍ର ପରି ଦେଖାଯାଏ। ପ୍ରାୟ ୧୦୦ ମି.ମି. ଲମ୍ବ ହୋଇଥାଏ। (English part to be filled up)

ଫୁଲ – ଏହି ଗଛରେ ଫୁଲ ଅକ୍ଟୋବର ମାସରୁ ଆରମ୍ଭ ହୁଏ। ଫୁଲର ରଙ୍ଗ ବିଶେଷତଃ ପାଞ୍ଚ ପ୍ରକାରର ଦେଖାଯାଏ, ଯଥା, ବାଇଗଣୀ, ହଳଦୀ, ନୀଳ, ଧଳା ଓ ଲାଲ। କିନ୍ତୁ ପୀତ ବର୍ଣ୍ଣର ଫୁଲ ଅଧିକ ଦେଖିବାକୁ ମିଳିଥାଏ।







ଫୁଲର ବର୍ଣ୍ଣ ଅନୁସାରେ ଏହାର ନାମକରଣ କରାଯାଇଥାଏ, ଯଥା – ରକ୍ତବର୍ଣ୍ଣର ଫୁଲକୁ କରୁବକ, ପୀତବର୍ଣ୍ଣକୁ କରୁଣ୍ଟକ, ନୀଳବର୍ଣ୍ଣକୁ ବାଣା ଓ ନୀଳ ହଳଦୀ ରଙ୍ଗର ମିଶ୍ରିତ ଫୁଲକୁ ଆର୍ତ୍ତଗନ୍ଧ୍ୟ କୁହାଯାଏ। (English part to be filled up) ଏହାର ଫୁଲ ଦେଖିବାକୁ ବହୁତ ସୁନ୍ଦର। ଚାରି ଜାତ ଗଛର ଉଷ୍ଣ ବୀର୍ଯ୍ୟ, ଶୀତଳ ଓ କଣ୍ଡୁ, ବ୍ରଣ, କ୍ଷତ, କଫ, ବାୟୁ, କୃମୀ, ରକ୍ତଦୋଷନାଶକ ଅଟେ।

ଫଳ – ଏହି ଗଛର ଫଳ ଫେବୃୟାରୀ ମାସ ଶେଷସୁଦ୍ଧା ମିଳିଥାଏ। ଫଳଗୁଡ଼ିକର ଲମ୍ବ ପ୍ରାୟ ୫ ରୁ ୭ ଇଂଚ। ପ୍ରତ୍ୟେକ କୋଷର ମୂଳରେ ଏକ ବୀଜ ଥାଏ।

ମଞ୍ଜି – (Seed capsule is oval shaped with sharp pointed back. It contains two fairly large, flat seeds, covered with matted hairs)

**ପୁଷ୍ପ ସଂକ୍ରାନ୍ତ ବିଶେଷ ଗୁଣ :**

**ବଂଶ ବିସ୍ତାର :**

**ରୋଗ ଏବଂ ରୋଗ ଉପଶମପାଇଁ ଔଷଧୀୟ ପ୍ରୟୋଗ :** ଦାଶକେରଣ୍ଟା ଗଛର ଜୀବାଣୁନାଶକ ସ୍ୱାଭାବିକ ଗୁଣ ରହିଛି। ଏହାର ଅର୍କ ଜଳଶୋଥ ରୋଗ ବା ଶୋଥରୋଗ (ଯେଉଁ ରୋଗରେ ଶରୀରର ତରଳ ପାଣି ଶରୀର ମଧ୍ୟରେ ଥିବା ଛୋଟ ଛୋଟ ଗର୍ତ୍ତ (cavity) ଓ କୋଷର ତନ୍ତୁ

(fissure)ମାନଙ୍କରେ ସଂଗ୍ରହ ହୋଇଥାଏ) ଉପଶମ ନିମନ୍ତେ ଶରୀରକୁ ଧୌତ କରାଯାଇଥାଏ । ଛୋଟଛୋଟ ପିଲାମାନଙ୍କର ରୋଗରେ ବହୁତ କାମରେ ଲାଗେ ।

ଚେରର ଅର୍କ ଓ ଚକଟା ମଣ୍ଡ: ଗୁଳୁର ଚେର ଯେକୌଣସି ପ୍ରକାର ଜ୍ୱରକୁ କମାଇପାରିଥାଏ । ଗୁଳୁର ଚେରର ଅର୍କ ପାଟିଧୋଇବା ବିଶେଷକରି ଦାନ୍ତବିନ୍ଧା ସମୟରେ ପାଟିଧୋଇଲେ ଉପଶମ ମିଳିଥାଏ । ଗୁଳୁର ଚେରର ଚକଟା ମଣ୍ଡକୁ ବ୍ୟବହାର କରି ବଥ ବା ବ୍ରଣକୁ ଫୁଟାଯାଇପାରେ । ସେହିପରି ଚେରର ଚକଟା ମଣ୍ଡ ବ୍ୟବହାର କରି ପୁରୁଷମାନଙ୍କର ଅନ୍ତସ୍ରାବ ଗ୍ରନ୍ଥି ଫୁଲିଥିବା ଅଣ୍ଡକୋଷ ଓ ସ୍ତ୍ରୀଲୋକମାନଙ୍କର ଫୁଲିଥିବା କ୍ଲାଇଟୋରିଶିଶକୁ ମଧ୍ୟ ଉପଶମ କରାଯାଇଥାଏ ।

ପତ୍ର : ପତ୍ରର ରସକୁ ବ୍ୟବହାର କରି ମୂତ୍ରଜନିତ ରୋଗ, ପକ୍ଷାଘାତ ରୋଗ ଓ ଏପରିକି ପାକସ୍ଥଳୀର ଅବ୍ୟବସ୍ଥାକୁ (ପାକସ୍ଥଳୀର ପୀଡ଼ା)କୁ ଉପଶମ କରାଯାଇଥାଏ । ଛୋଟ ଛୋଟ ପିଲାମାନଙ୍କର (catarrhal affections) ନିମନ୍ତେ ମଧ୍ୟ ପତ୍ରର ରସ ବ୍ୟବହାର କରାଯାଇଥାଏ । ପତ୍ରର ରସରେ କିଛି ମହୁ ବା ଚିନି ରସ ମିଶାଇ ଦିଆଯାଇଥାଏ । ଏହି ରୋଗରେ ଜ୍ୱର ଏବଂ କଫକୁ ନିୟନ୍ତ୍ରଣ କରାଯାଏ । ଦାଶକେରଣ୍ଟା ପତ୍ରର ରସକୁ ସୋରିଷଦେଲରେ ମିଶାଇ ସେଥିରେ ସାମାନ୍ୟ ପିପ୍ପଳୀ ଚୂର୍ଣ୍ଣ ମିଶାଇ ଲିଙ୍ଗରେ ମାଲିସ କଲେ ଇନ୍ଦ୍ରିୟ ଦୁର୍ବଳତା ଦୂରହୁଏ । ପତ୍ରର ରସନିଃସୃତ (infusion of leaves) ଅଂଶକୁ ଆଦିବାସୀମାନେ ତାଙ୍କ ଗୋଡ଼ର ପାଦତଳେ ଲଗାଇ ଶକ୍ତ କରି ଅତ୍ୟଧିକ ଗରମ, ଥଣ୍ଡା ଓ ବନ୍ଧୁର ମାଟିରେ ଚାଲିବା ସହ୍ୟକରିବା ନିମନ୍ତେ ବ୍ୟବହାର କରିଥାନ୍ତି । କଡ୍ରକୁ ଦଳି ରସ ବାହାର କରି କ୍ଷତ ସ୍ଥାନରେ ଲଗାଇ, ଆଣ୍ଠୁଗଣ୍ଠିର ଯନ୍ତ୍ରଣା, କୁଣ୍ଡାଇହେବା ଯନ୍ତ୍ରଣାକୁ ଉପଶମ କରାଯାଇଥାଏ । ବ୍ରଣରୁ ଉପଶମ ନିମନ୍ତେ ନଡ଼ିଆ ତେଲ ସହ ରସ ମଧ୍ୟ ବ୍ୟବହାର ହୋଇଥାଏ ।

ବଲ୍କଳ : ସତେଜ ବଲ୍କଳର ରସ ବ୍ୟବହାର କରି ମଣିଷ ଶରୀରରୁ ନିର୍ଗତ ହେଉଥିବା ଅତ୍ୟଧିକ ଝାଳଓ ଅତ୍ୟଧିକ କଫକୁ ନିୟନ୍ତ୍ରଣ କରାଯାଇଥାଏ । ହୁପିଂ କାଶ (ଅଣନିଶ୍ୱାସ ହେଲାପରି ଶବ୍ଦକାରୀ ଶ୍ୱାସ) ଉପଶମ ହୋଇଥାଏ ।

♠♠♠